**ସଂକ୍ଷେପରେ**

## ପୋଲିସ ଶହୀଦ ଦିବସ ପାଳିତ

**ଭବାନୀପାଟଣା,୨୧।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଶନିବାର ୬୪ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଭବାନୀପାଟଣାସ୍ଥିତ ରିଜର୍ଭ ପୋଲିସ ପଡିଆରେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଶହୀଦ ଦିବସ ପାଳନ ହୋଇଥିଲା। ଚଳିତବର୍ଷ ଦେଶମାତୃକାର ସେବା ପାଇଁ ପ୍ରାଣବଳି ଦେଇଥିବା ୧୮୮ ଶହୀଦଙ୍କ ନାମ ପଠନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଓଡିଶାର ଶହୀଦ ହୋଇଛନ୍ତି। ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରୁ ଆସିଥିବା ବାର୍ତ୍ତା ଏସ୍‌ପି ପଠନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡି, କେସିଙ୍ଗା ଏସ୍‌ଡିପିଓ ଆଇପିଏସ୍ ରୋହିତ ବର୍ମା, ଭବାନୀପାଟଣା ସଦର ଏସ୍‌ଡିପିଓ ସୁନାରାମ ହେମ୍ରମ, ଧର୍ମଗଡ ଏସ୍‌ଡିପିଓ ଧିରଜ କୁମାର ଚୋପଦାର ପ୍ରମୁଖ ପୋଲିସ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ରିଜର୍ଭ ଇନ୍ସପେକ୍ଟର ସୁରେଶ ବଳିୟାରସିଂହ ପରେଡକୁ ପରିଚାଳନା କରିଥିଲେ।

## ସମବାୟବିତ୍‌ଙ୍କ ପରଲୋକ

**ମୁରିବାହାଲ,୨୧।୧୦(ଶ୍ରୀବତ୍ସ ବେହେରା)**



ସମବାୟବିତ୍ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ତେନ୍ତୁଳିଖୁଣ୍ଟି ଗ୍ରାମର ଦେବାଧି ବେହେରାଙ୍କର ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୫ବର୍ଷ ହୋଇଥିଲା। ମୁରିବାହାଲ ବ୍ଲକ ବିଜେଡି ଉପସଭାପତି ସବ୍ୟସାଚୀ ବେହେରାଙ୍କ ପିତା ଦେବାଧି ବେହେରା ତେନ୍ତୁଳିଖୁଣ୍ଟି ଗ୍ରାମରେ ୱାର୍ଡସଭ୍ୟଭାବେ ତିନିଥର ନିର୍ବାଚିତ ହୋଇଥିଲେ। ତେନ୍ତୁଳିଖୁଣ୍ଟି ସେବା ସମବାୟ ସମିତିର ସେ ଏକାଧିକବାର ସଭାପତି ଭାବେ କାମ କରିଥିଲେ। ସ୍ଥାନୀୟ ଅନେକ ସଂଗଠନର ମୁଖ୍ୟଭାବେ କାମ କରି ରହିଆସିଥିବା ବେହେରାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ଶବାଧାରରେ ଝିଅ ଗୀତା, ସାନପୁଅ ସବ୍ୟସାଚୀ, ନାତି ଭୀଷ୍ମ ନାତୁଣୀ ରଶ୍ମିତା, ଜ୍ୱାଇଁ ଗଜ, ନାତୁଣୀ ଜ୍ୱାଇଁ ଜିଆରଏସ ହୃଷୀକେଶ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ବଡ଼ପୁଅ ଧନଞ୍ଜୟ ବେହେରା ମୁଖାଗ୍ନି ଦେଇଥିଲେ।

## ଫୁଟବଲ: ବଲାଙ୍ଗୀର ଏଫ୍‌ସି ଚାମ୍ପିୟନ



**ଲୋଇସିଂହା, ୨୧।୧୦(ସୁଶାନ୍ତ ବାରିକ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଭାଲିଆଟିକ୍ରା ଖେଳ ପଡିଆରେ ଚାଲିଥିବା ରଙ୍ଗୀନ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବିଲାଇସର୍ଡାକୁ ଟାଇବ୍ରେକର ୫-୪ ଗୋଲରେ ହରାଇ ବଲାଙ୍ଗୀର ମର୍ନିଂ ଏଫସି ଚାମ୍ପିୟନ ହୋଇଛି । ଗତ ୧୬ତାରିଖରୁ ସୋସିଆଲ ରୁରାଲ ଷ୍ଟାର ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଏ ଗ୍ରୁପରୁ ବିଲାଇସର୍ଡା ଓ ବି ଗ୍ରୁପରୁ ବଲାଙ୍ଗୀର ମର୍ଣ୍ଣିଂ ଏଫସି ଫାଇନାଲକୁ ଉନ୍ନୀତ ହୋଇଥିଲେ। ବିଲାଇସର୍ଡର ଦୀପେଶ ସାହୁ ଗୋଲକିପର, ବଲାଙ୍ଗୀର ଦଳର ଦୀପକ ନାଏକ ଟୁର୍ନାମେଣ୍ଟ ଅଫ ପ୍ଲେୟାର ଭାବେ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ରାଜେନ୍ଦ୍ର ଦୀପ ଅଧ୍ୟକ୍ଷତା କରିଥିଲେ। ଏଥିରେ ପିପିର୍ଡା ପାକ୍ସ ସଭାପତି ମନରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି, ଚମରା ଚୁହାନ, ଶ୍ୟାମସୁନ୍ଦର କୁମ୍ଭାର, ବୀରମିତ୍ର ସୁନା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଦେଇ ଆୟୋଜକ ପୁରସ୍କୃତ କରିଥିଲେ ।

# ଦେଓଗାଁରେ ମାହେଶ୍ୱରୀ ଦେବୀଙ୍କ ଯାତ୍ରା



ଟେପ୍ରେନରେ ମା’ ମାହେଶ୍ୱରୀ ଦେବୀଙ୍କ ଯାତ୍ରା ଚାଲିଛି।

**ଦେଓଗାଁ,୨୧।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ଓ ସିଂହାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଟେପ୍ରେନ, ବୁଡାବାହାଲ, ଲଖନପୁର ଓ ଛତାପିପଲ ଗ୍ରାମର ଦୁଇଟି ସ୍ଥାନରେ ମାହେଶ୍ୱରୀ ଦେବୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସପ୍ତମୀ ତିଥିରେ ମହେଶ୍ୱରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ନିକଟରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ନୂଆଅନ୍ନ ଲାଗି କରାଯାଇଥିଲା। ଶନିବାର ବିଳମ୍ବିତ ରାତିରେ ବରୁଆଙ୍କଠାରେ ଦେବୀ ଆବିର୍ଭାବ ହୋଇ ଗ୍ରାମର ପୂଜାମଣ୍ଡପ ପରିଭ୍ରମଣ କରିଥିଲେ। ପରେ ମାହେଶ୍ୱରୀ ପୀଠରେ ଦେବୀଙ୍କଠାରେ ଖଣ୍ଡାଧୂଆ ପୂଜାର୍ଚ୍ଚନା କରାଯାଇଥିଲା। ଅଞ୍ଚଳର ମାହେଶ୍ୱରୀ ପୀଠରୁ ଛତର ଏବଂ ମଶାଲ ଧାରଣ କରି ଦେହୁରିଆ, ପୂଝାରୀ ଓ ଗ୍ରାମବାସୀ ଟେପ୍ରେନ ଶିବ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ବରୁଆଙ୍କ ଶରୀରରେ ମାହେଶ୍ୱରୀ ଦେବୀ ଆବିର୍ଭାବ ହୋଇ ଆଜ୍ଞାମାଳ ନେଇଥିଲେ। ପରେ ଦେବୀ ପୀଠରେ ରାତିରେ ଯାତ୍ରା ହୋଇ ସେଠାରେ ଉପସ୍ଥିତଥିବା ମାନସିକଧାରୀଙ୍କୁ ଦେବୀ ଆଶିର୍ବଚନ ପ୍ରଦାନ କରିଥିଲେ। ଏହି ପୀଠରେ ଦେବୀଙ୍କ ଆଶିର୍ବାଦରେ ଅନେକ ଅପୁତ୍ରିକ ମାନସୀକଧାରୀଙ୍କ ସନ୍ତାନପ୍ରାପ୍ତି ହେବା ନଜିର ରହିଥିବାରୁ ଯାତ୍ରାସ୍ଥଳରେ ଭକ୍ତଙ୍କ ସମାଗମ ହୋଇଥାଏ। ପ୍ରକାଶ ଯେ, ମା’ଙ୍କଠାରେ ନବାନ୍ନ ଲାଗିପରେ ନବମୀ ଦିନ ଉକ୍ତ ୪ଟି ଗ୍ରାମର ଡୁମାଳ ସମ୍ପ୍ରଦାୟ ସାମୂହିକ ଭାବେ ନବାନ୍ନ ଭକ୍ଷଣ କରି ଏହି ପର୍ବକୁ ଆଡମ୍ବର ସହକାରେ ପାଳନ କରିଆସୁଥିବା ବେଳେ ଗ୍ରାମବାସୀ ଏହି ନବାନ୍ନ ଭକ୍ଷଣ ପର୍ବକୁ ସହଯୋଗ କରିଥାନ୍ତି। ଏଣୁ ଏହି ଯାତ୍ରାର ସ୍ୱତନ୍ତ୍ରତା ରହିଛି । ଯାତ୍ରାର ଶେଷଦିନ ମାହେଶ୍ୱରୀ ଦେବୀ ଦଶପଲିଏନ ଅବତାର ନେଇ ଦହିକାଦୋ ଖେଳି ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ପ୍ରଦାନ ପରେ ଯାତ୍ରା ସମ୍ପନ୍ନ ହୋଇଥାଏ। ଯାତ୍ରାକୁ ପୂଝାରୀ କାଶିନାଥ ପଲିତା, ଶବର କରନ, ଗଗନ ବାଗ, ମାଓ ଗୁରାଣ୍ଡି, ଛବି ଖଣ୍ଡଗିରୀ ଏବଂ ଦେହୂରୀ ବୁଦ୍ଧୁ ବାଗ, ଅସିତ ବାଗ, ମଧୁ ପଧାନ,କାଶିନାଥ ଗୁରାଣ୍ଡି, ମଏନା ଖଣ୍ଡଗିରୀଙ୍କ ସମେତ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଅଚ୍ୟୁତ ମିଶ୍ର, ସୁଦାମ ବାଗ, ଯୁଗନୁ ପଧାନ, ବିନୋଦ ପଧାନ, ମୋହନ ପଧାନ ପ୍ରମୁଖ ସହଯୋଗ କରିଥିଲେ ।





ନୂଆପଡ଼ା ଜିଲା ଖଡିଆଳରେ ଭାଇ ଜିଉଁତିଆ ପାଇଁ ଶନିବାର ସ୍ୱତନ୍ତ୍ର ପରିବା ବଜାର ବସିଛି। (ଫଟୋ: ସୁଜିତ କୁମାର ପ୍ରଧାନ)

## ଶାରଦା ମନ୍ଦିରଠାରେ ଭଣ୍ଡାରା କାର୍ଯ୍ୟକ୍ରମ

**ଖଡ଼ିଆଳ,୨୧।୧୦(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଶାରଦା ଭବାନୀ ମନ୍ଦିରରେ ଶନିବାର ମହାସପ୍ତମୀରେ ଭଣ୍ଡାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜକ ନାରାୟଣ ସିଂ ଠାକୁର ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟ ମାତାଦୀ କମିଟି ସଭାପତି ଓମପ୍ରକାଶ ଚୌଧୁରୀ, ଉପସଭାପତି କମଳ ବର୍ମା, କୋଷାଧ୍ୟକ୍ଷ ନୀତେଶ ତ୍ରିବେଦି, ମହେନ୍ଦ୍ର ଯାଦବ, ବରିଷ୍ଠ ସଦସ୍ୟ ପପୁ ଯାଦବ, ଲକ୍ଷ୍ମଣ ଦୁରିଆ, ବିକାଶ ବର୍ମା, ରଜତ ବର୍ମା, ଦୀପକ ବର୍ମା, ଧୀରୁ ବର୍ମା,ପ୍ରବୀଣ ତ୍ରିବେଦୀ, ସୋନୁ ସେନ,ଗୋଲୁ ସେନ, ହିତେଶ ସେନ, ପ୍ରଶାନ୍ତ ମିଶ୍ର, ଶ୍ରବଣ କୁମାର ସୋନୱାନ ଓ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ। ନଗରପାଳ ଉଜ୍ଜଳ ଗୁପ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବାରପାଲି ଡଙ୍ଗରବୁଢ଼ା ଯାତ୍ରା ସମ୍ପନ୍ନ

**ମୁରିବାହାଲ,୨୧।୧୦(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତର ତେନ୍ତୁଳିଖୁଣ୍ଟସ୍ଥିତ ବୁଢ଼ାଡଙ୍ଗର ପାହାଡରେ ସର୍ବପୁରାତନ ବାରପାଲି ଡଙ୍ଗରବୁଢ଼ା ଯାତ୍ରା ଶୁକ୍ରବାର ସମାପନ ହୋଇଯାଇଛି। ଉକ୍ତ ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଡଙ୍ଗର ଚଢି ମନସ୍କାମନା କରିଥିଲେ। ପ୍ରତିବର୍ଷ ଷଷ୍ଠୀ ତିଥିରେ ପାଳନ କରାଯଉଥିବା ଏହି ଯାତ୍ରା ଅବସରରେ ଭକ୍ତମାନେ ମନସ୍କାମନା ପୂରଣ ପାଇଁ ଛେଳି, କୁକୁଡ଼ା, ପାରା ଆଦି ପଶୁପକ୍ଷୀଙ୍କୁ ବଳି ଦେଇଥିଲେ। ହଳଦୀର ଥବିର ପୂଝାରୀ, ଚୂଡ଼ାମଣି ପୂଝାରି, ଓ ପର୍ଶୁରାମ ଯାନୀ ପୂଜକ ଭାବରେ କାର୍ଯ୍ୟ ତୁଲାଇଥିଲେ। ଡଙ୍ଗରବୁଢ଼ା ଯାତ୍ରା ପାଇଁ ଶାନ୍ତରା ଭୋଇ, ଲକ୍ଷ୍ମୀକାନ୍ତ ଭୋଇ ଓ ବଳିଧର ଭୋଇଙ୍କ ଦେହରେ ବରୁଆ ଆବିର୍ଭାବ ହୋଇ ଶ୍ରଦ୍ଧାଳଙ୍କୁ ଆଶୀର୍ବାଦ ଦେଇଥିଲେ। ଯାତ୍ରା ପରିଚାଳନାରେ ଶ୍ରୀମତୀ ହାତୀ, ଲକ୍ଷ୍ମଣ ପୁଟେଲ, ଗୌରାଙ୍ଗ ରଣା, ନିର୍ମଳ ଯାନୀ, ମନୋଜ ପୂଝାରୀ ଓ ଘାସିରାମ ପାଣିଗ୍ରାହୀ ସହଯୋଗ କରିଥିଲେ।



ବରୁଆମାନେ ଭକ୍ତଙ୍କ ସହ ଯାଉଛନ୍ତି।

## ଶାରଦୀୟ ଦୁର୍ଗାପୂଜା କଳସ ଯାତ୍ରା: ସାମିଲ ହେଲେ ପୂର୍ବତନ ମନ୍ତ୍ରୀ

**ବେହେରା,୨୧।୧୦(ଭୂପେଶ ତିୱାରୀ)**

ଦୁର୍ଗାପୂଜାକୁ ନେଇ ସହରଠାରୁ ଗାଁ ଗଣ୍ଡା ଚଳଚଞ୍ଚଳ। ସବୁଆଡ଼େ ଉତ୍ସବର ମାହୋଲ। ଆଧ୍ୟାତ୍ମିକ ପରିବେଶ ଦେଖାଦେଇଛି। ଧର୍ମଗଡ଼ ବ୍ଲକ ପର୍ଲାଠାରେ ଶୁକ୍ରବାର ଏହି ପରିପ୍ରେକ୍ଷୀରେ ମା’ଙ୍କ କଳସ ଯାତ୍ରା ସମ୍ପନ୍ନ ହୋଇଯାଇଛି। ମା’ଙ୍କୁ ଆବାହନ କରିବାକୁ ନିକଟସ୍ଥ ମୁଦ୍ରା ନଦୀକୁ ଯାଇ ପୂଜାର୍ଚ୍ଚନା କରିବା ସହ କଳସଯାତ୍ରା ଗାଁ ଅଭିମୁଖେ ଆସିଥିଲା। ଏହି କଳସ ଯାତ୍ରାରେ ନାନା ପ୍ରକାର ବାଜା ସଂକୀର୍ତ୍ତନ ଶଙ୍ଖବାଦନ ସହ ବାଣଫୁଟାଇ ମାଆଙ୍କୁ ଆମନ୍ତ୍ରଣ କରାଯାଇ ପୀଠକୁ ଅଣାଯାଇଥିଲା। ତେବେ ଏହି ଯାତ୍ରାବେଳେ ପୂର୍ବତନମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ସାମିଲ ଥିଲେ। କଳସ ଯାତ୍ରାରେ ସାମିଲ ହୋଇ ଦୀର୍ଘ ୨କିମି ଦୂର ମୁଦ୍ରା ନଦୀକୁ ଯାଇ ପୂଜାର୍ଚ୍ଚନା କରି ଶୁଭ କଳସ ପୂଜକଙ୍କ ଠାରୁ ଗ୍ରହଣ କରି କର୍ତ୍ତା ସୁଶାନ୍ତ କୁମାର ଦାସ ଓ ସ୍ତ୍ରୀ ରେଣୁକା ଦାସଙ୍କୁ ଅର୍ପଣ କରି ମା’ ଦୁର୍ଗାଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ସୂଚନା ଯେ ଶୁକ୍ରବାରଠାରୁ ମାଆଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏହା ତିନି ଦିନ ଧରି ଚାଲୁ ରହିବ। ଶାରଦୀୟ ଦୁର୍ଗାପୂଜାରେ ତିନି ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଗାଁ କମିଟି ବ୍ୟବସ୍ଥା କରିଛି। ଲୋକଙ୍କ ମନୋରଞ୍ଜନ ପାଇଁ ନାଟକ ଓ ଘୁମୁରା ପ୍ରତିଯୋଗିତା ହେବା ବ୍ୟବସ୍ଥା ରହିଛି। ଦର୍ଶକ ଓ ଜନସାଧାରଣ ଶାନ୍ତିଶୃଙ୍ଖଳା ରକ୍ଷା କରି ମା’ଙ୍କ ଦର୍ଶନ ଲାଭ ପାଇବା ସମେତ ମନୋରଞ୍ଜନ କାର୍ଯ୍ୟକ୍ରମର ମଜା ଉଠାଇବାକୁ କମିଟି ସଭାପତି ସାଧୁରାମ ଶବର ନିବେଦନ କରିଛନ୍ତି।କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିଥିବା କମିଟି ସମ୍ପାଦକ ଲଛମନ ଗୋପାଳ, ଉପସଭାପତି ପାରେଶ୍ୱର ସାହୁ, ସହସମ୍ପାଦକ ରିପାନ୍ତ ବାଗ, ଉପଦେଷ୍ଟା ସୁବାସ ଦାସ, ପଦ୍ମଲୋଚନ ଶବର, ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ, ଜାଗେଶ୍ୱର ଜାଲ, ଅରୁଣ ଜାଲ, ନବୀନ ପୁରୋହିତ, ହେତୁରାମ ମେହେର, ଦିବାକର ଜାଲ,ପୂର୍ବତନ ସରପଞ୍ଚ ରତ୍ନାକର ଜାଲ, ହୃଷିକେଶ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

# ୮୭ବର୍ଷରେ ମାଉସୀ ମା’ ମନ୍ଦିର ଦୁର୍ଗାପୂଜା



ମାଉସୀ ମା’ ମନ୍ଦିରରେ ମା’ଙ୍କ ପୂଜାର୍ଚ୍ଚନା କରାଯାଉଛି।

**ଟିଟିଲାଗଡ଼, ୨୧।୧୦(ଶରତ ମିଶ୍ର)**

ଟିଟିଲାଗଡ଼ ମାଉସୀ ମନ୍ଦିର ଦୁର୍ଗାପୂଜା କମିଟି ଚଳିତବର୍ଷ ୮୭ତମ ପୂଜନୋତ୍ସବ ପାଳନ କରିବାକୁ ଯାଉଛି। ଶନିବାରଠାରୁ ମା’ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଶୁକ୍ରବାର କମିଟି କର୍ମକର୍ତ୍ତାଙ୍କ ଗହଣରେ ପୂଜାକର୍ତ୍ତା ପୂର୍ବତନ ଟିଟିଲାଗଡ଼ ବାର ସଂଘ ପୂର୍ବତନ ସଭାପତି ସଞ୍ଜୟ ବେହେରା ତଥା ତାଙ୍କ ଧର୍ମପତ୍ନୀ ଚିନ୍ମୟୀ ବେହେରା ଏକ ଶୋଭାଯାତ୍ରାରେ ପୂର୍ଣ୍ଣ ଜଳ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ଗୋପୀନାଥ ମହାପାତ୍ରଙ୍କ ଦ୍ୱାରା ଦେବୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ବିଶାଳ ମେଢ଼ ସାଙ୍ଗକୁ ଆକର୍ଷଣୀୟ ସାଜସଜ୍ଜା ମନଲୋଭା ହୋଇଛି । ପୂଜାର୍ଚ୍ଚନାରେ କର୍ତ୍ତାଙ୍କ ସହ ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ି, ରାଜୁ ମିଶ୍ର, ପଙ୍କଜ ନାମଦେବ, ଧିରେନ ସାହୁ, ରାଧାକାନ୍ତ ଦର୍ଜି, ବୀରବଳ ଦର୍ଜୀ, ରମେଶ ସୋନି ଉପସ୍ଥିତ ରହି ହୋମଯଜ୍ଞ କର୍ମରେ ସହାୟତା କରୁଛନ୍ତି। ସଭାପତି ସୁଧୀର ଅଗ୍ରୱାଲ, ଉପସଭାପତି ଭକ୍ତ ଦଳବେହେରା, ସମ୍ପାଦକ ଅମର ଜୈନ, ସହ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, କୋଷାଧ୍ୟକ୍ଷ ଶେଷଦେବ ସାହୁ, ଧବଳେଶ୍ୱର ଦଳବେହେରା, ମହେଶ ଇନ୍ଦୋରିଆ, ଈଶ୍ୱର ଜୈନ, ସଞ୍ଜୀବ ପାଢ଼ି, ରବି ଜୈନ ପ୍ରମୁଖ ବିଭିନ୍ନ ଆୟୋଜନରେ ସହାୟତା କରୁଛନ୍ତି।

## ସମଲେଶ୍ୱରୀ ପୀଠରେ ଶାରଦୀୟ ଦୁର୍ଗାପୂଜା



କାଳରାତ୍ରୀ ବେଶରେ ମା’ ମସମଲେଶ୍ୱରୀ।

**ଲୋଇସିଂହା,୨୧।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବସ୍ତି ଡେଲିମାର୍କେଟସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ପୀଠରେ ଷୋଡଶ ଉପଚାରରେ ପୂଜା ଅନୁଷ୍ଠିତ ହେଉଛି। ଶନିବାର କାଳରାତ୍ରୀ ବେଶରେ ମା’ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ପୀଠରେ ଚଣ୍ଡିପାଠ ଓ ହୋମ ଯଜ୍ଞ ଅନୁଷ୍ଠିତ ହେଉଛି। ମୁଖ୍ୟ ସେବାୟତ ଚତୁର୍ଭୂଜ ନାଗ ପୂଜାର୍ଚ୍ଚନା, ପ୍ରଶାନ୍ତ ମିଶ୍ର ଏବଂ ଦୀନବନ୍ଧୁ ବେଜ ଚଣ୍ଡିପାଠ କରୁଛନ୍ତି। ରଞ୍ଜନ ବେହେରା ଓ ଡୋଲେଶ୍ୱରୀ ବେହେରା କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ରବିବାର ମହାଗୌରୀ, ସୋମବାର ସିଦ୍ଧିଦାତ୍ରୀ ଓ ମଙ୍ଗଳବାର ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହେବ । ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ମା’ ସମଲେଶ୍ୱରୀଙ୍କ ନଗର ଭ୍ରମଣ



ମା’ ବରୁଆଙ୍କ ଦେହରେ ଅବିର୍ଭାବ ହୋଇ ତୁଷୁରା ସହର ଭ୍ରମଣ କରୁଛନ୍ତି।

**ଗୁଡ଼ଭେଲା,୨୧।୧୦(ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ତୁଷୁରା ସହରର ଅଧୀଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ଶାରଦୀୟ ପର୍ବ ସ୍ଥାନୀୟ ସମଲେଶ୍ୱରୀ ପୀଠରେ ଚାଲିଛି। ମହାଷ୍ଟମୀ ତିଥି ଶନିବାର ମା’ ବରୁଆ ଦେହରେ ଆବିର୍ଭାବ ହୋଇ ନଗରବାସୀଙ୍କ ଦୁଃଖ ବୁଝିବା ପାଇଁ ନଗର ଭ୍ରମଣରେ ବାହାରିଥିଲେ। ପ୍ରଥମେ ହରିଜନ ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କଠାରୁ ମା’ ପୂଜା ପାଇଥିଲେ। ଉକ୍ତ ବ୍ୟକ୍ତିଙ୍କ ଢୋଲରେ ଚଢି ମା’ ମନ୍ଦିର ଅନତି ଦୂରରେ ଥିବା ପୁରୁଣା ବୃକ୍ଷ ପର୍ଯ୍ୟନ୍ତ ଆସିଥିଲେ। ଏହାକୁ ଦେଖିବା ପାଇଁ ଶହଶହ ଭକ୍ତଙ୍କ ସମାଗମ ହୋଇଥିଲା। ମା’ ନଗର ଭ୍ରମଣରେ ବାହାରିଥିବାବେଳେ ସମସ୍ତ ନିଜ ଘର ସମ୍ମୁଖକୁ ଲିପାପୋଛା କରି ମା’ଙ୍କ ଆଗମନକୁ ଅପେକ୍ଷା କରିଥିଲେ। ମା’ଙ୍କ କମଳକୁ ଦୁଗ୍ଧ ଓ ପାଣିରେ ଧୋଇବା ସହ ଫୁଲ ସିନ୍ଦୁର ଦେଇ ପୂଜା କରିବା ସହ ନିଜ ଦୁଃଖ ଜଣାଇଥିଲେ। ମା’ ତାର ସମାଧାନର ବାଟ ଦେଖାଇଥାନ୍ତି ବୋଲି ଭକ୍ତଙ୍କ ବିଶ୍ୱାସ ରହଛି। ଦିନକରେ ମା’ ସହରର ସମସ୍ତ ଘରେ ପୂଜା ପାଇଁ ନିଜ ପୀଠକୁ ଫେରିଥିଲେ। ନବମୀ ଦିନ ରବିବାର ରାତିରେ ମା’ଙ୍କ ପୀଠରେ ଶାରଦୀୟ ପୂଜାର ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ପକ୍ଷରୁ ପ୍ରକାଶ।

## ଖପ୍ରାଖୋଲ ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା





ଅଧିବାସ ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

**ଖପ୍ରାଖୋଲ, ୨୧।୧୦(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାର ୫୦ତମ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଥିଲା। ନିକଟ ପୁଷ୍କରିଣୀରୁ ପୂର୍ଣ୍ଣ ଜଳ କଳସ ଏକ ଶୋଭାଯାତ୍ରାରେ ଅଣାଯାଇ ପୂଜ ମଣ୍ଡପରେ ସ୍ଥାପନ କରାଯାଇଥିଲା। କଳସ ପୂଜା, ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ଜୀବନ୍ୟାସ ଆଦି ଅନୁଷ୍ଠିତ ହୋଇଥିଲା। ପୂଜା କର୍ତ୍ତାଭାବେ ଛୟାକାନ୍ତ ବାରିକ ସସ୍ତ୍ରୀକ ଉପସ୍ଥିତ ଥିଲେ। ପୂଜା କମିଟି ସଭାପତି ପୁରନ୍ଦର ସାହୁ, ସମ୍ପାଦକ ଅଜିତ ହଂସ, ପିଙ୍କୁ ହଂସ, ବୁଲୁ ସୁନା, ସୁଶୀଲ ଦଣ୍ଡସେନା, ବାଦଲ ଦଣ୍ଡସେନା, ଦେବରାଜ ବନଛୋରଙ୍କ ସମେତ କମିଟି ସଦସ୍ୟ ଉପସ୍ଥିତ ଥିଲେ। ପାଞ୍ଚ ଦିନଧରି ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଦଣ୍ଡନୃତ୍ୟ, ପ୍ରବଚନ ସହ ରାବଣ ପୋଡ଼ି ଥିବା ଆୟୋଜକ କହିଛନ୍ତି।

## ନିଶାମୁକ୍ତ ଭାରତ ଅଭିଯାନ

**ନୂଆପଡ଼ା,୨୧।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ବୃଦ୍ଧିକୋମନା ପଞ୍ଚାୟତ ପଣ୍ଡରାପଥର ମଦର ଟେରେସା ସେବା ସଙ୍ଗଠନ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। ସଙ୍ଗଠନର ସମ୍ପାଦକ ଶେଷଦେବ ପ୍ରଧାନୀଙ୍କ ନେତୃତ୍ୱରେ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ଯୁବ ଅନୁଷ୍ଠାନ, ଗ୍ରାମବାସୀ ଓ ଦିବ୍ୟାଙ୍ଗମାନଙ୍କୁ ନେଇ ଡୋଙ୍ଗରିପାଲି ଗାଁରେ ଏକ ଶୋଭାଯାତ୍ରା କରି ନିଶାମୁକ୍ତ ଭାରତ ଗଠନ କରିବା ପାଇଁ ସଚେତନ କରାଯାଇଥିଲା। ନିଶା ପରିବାରକୁ ଛିନ୍ନଛତ୍ର କରିବା ସହ ସବୁବେଳେ ଅଶାନ୍ତି ସୃଷ୍ଟି ହେଉଛି। ଘରର ଧନସମ୍ପତ୍ତି ସବୁ ନଷ୍ଟ ହେଉଛି। ଲୋକଙ୍କୁ ନିଶା ପଙ୍ଗୁ କରି ଦେଉଛି। ଏହି ସବୁକୁ ବର୍ଜନ କରି ଗାଁକୁ ନିଶାମୁକ୍ତ କରିବା ସହ ପରିବାର ଖୁସିରେ ରହିବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି। ଡୋଙ୍ଗରିପାଲି ଗାଁରେ ଏକ ସଭା କରି ନିଶାମୁକ୍ତ ଗାଁ ଗଠନ କରିବା ପାଇଁ ଶପଥ ନେଇଥିଲେ। ଏହି ସମୟରେ ଦୀପା ନିଆଲ, ଯଶୋବନ୍ତ ନାଏକ, ସତ୍ୟବ୍ରତ ସାମଲ, ପ୍ରୀତି କଟା ପ୍ରମୁଖ ସହଯୋଗ କରିଥିଲେ।

**ବୌଦ୍ଧରେ ଦୁର୍ଗାପୂଜା**

ବୌଦ୍ଧ,(ଅଜିତ କୁମାର ବାରିକ): ବୌଦ୍ଧ ସହର ମାଳିସାହି ଦୁର୍ଗାମଣ୍ଡପରେ ମା'ଙ୍କ ନବରାତ୍ର ପୂଜା ଚାଲିଛି। ଗାନ୍ଧୀଛକ, ପୋଡାପଡା ଓ କେଉଟସାହି, ପୁରୁଣା ବ୍ଲକ ଛକ ଆଦି ପୂଜା ମଣ୍ଡପଗୁଡିକରେ ମହାସପ୍ତମୀ ପୂଜା ଆରମ୍ଭ ହୋଇଛି। ପୂଜାମଣ୍ଡପଗୁଡିକରେ ଆର୍କଷଣୀୟ ତୋରଣ କରାଯାଇଛି । ରଙ୍ଗୀନ ଆଲୋକମାଳାରେ ପୂଜା ମଣ୍ଡପଗୁଡିକ ଝଲସି ଉଠିଛି । ଚଳିତବର୍ଷ ପୂଜାମଣ୍ଡପଗୁଡିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

## ସଂକ୍ଷେପରେ

### ଗେହ୍ଲାମା ଫୁଟବଲ କପ୍ ଉଦ୍‌ଘାଟିତ

**ଗେହ୍ଲମା କ୍ଲବକୁ ହରାଇ ଭୈରବୀ କ୍ଲବ ବିଜୟୀ**

ବୌଦ୍ଧ,୨୧।୧୦(ଅଜିତ କୁମାର ବାରିକ )

ବୌଦ୍ଧ କଚେରି ପଡିଆଠାରେ ଗେହ୍ଲାମା କ୍ଲବ ପକ୍ଷରୁ ଶନିବାର ଦିନ ଗେହ୍ଲାମା ଫୁଟବଲ କପ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ଦିବସରେ ଅତିଥି ଭାବେ ସରସରା ସରପଞ୍ଚ ହରି ନାଏନ, କାଉନସିଲର ସ୍ୱର୍ଣ୍ଣଲତା ଦଳେଇ, ପୂର୍ବତନ ଫୁଟବଲ ଖେଳାଳି ଲିଙ୍ଗରାଜ ଲେଙ୍କା, ନିରଞ୍ଜନ ଦୋରା ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ଗେହ୍ଲାମା କ୍ଲବ ବୌଦ୍ଧ ଓ ଭୈରବୀ କ୍ଲବ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ବହୁ ଚିତ୍ତାକର୍ଷକ ହୋଇଥିବା ବେଳେ ଟ୍ରାଇବେକର ଜରିଆରେ ଭୈରବୀ କ୍ଲବ ପୁରୁଣାକଟକ ବିଜୟୀ ହୋଇଥିଲା । ଖେଳକୁ ରେଫରି ସାଗର ବେହେରା, ଶଶିକାନ୍ତ ଦାସିଆ, ଅଭିଳାଷ ସାହୁ ପରିଚାଳନା କରିଥିଲେ। ଚତୁର୍ଥ ରେଫରି ଭାବେ ସୂର୍ଯ୍ୟକାନ୍ତ ବେହେରା ଓ ମ୍ୟାଚ କମିଶନର ଭାବେ ବିଭୂତି ବେହେରା କାର୍ଯ୍ୟ ତୁଲାଇଥିଲେ।

### ମା' ଦୁର୍ଗାଙ୍କ ସପ୍ତମୀ ପୂଜା ପାଳିତ



ବାଉଁଶୁଣୀ,୨୧।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଷ୍ଟାର କ୍ଲବ ଡିମିରିପାଲି ତରଫରୁ ମା' ଦୁର୍ଗାଙ୍କ ସପ୍ତମୀ ପୂଜା ଶନିବାର ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ପୂଜକ ଭାବରେ ଅକ୍ଷୟ କୁମାର ମିଶ୍ର, ସଞ୍ଜୟ ମିଶ୍ର, କିରଣ ତ୍ରିପାଠୀ, ରୁପୁନ ତ୍ରିପାଠୀ ପୂଜା କାର୍ଯ୍ୟ ତୁଲାଇଥିଲେ । କର୍ତ୍ତା ଭାବେ ପ୍ରବୀଣ ସେଠୀ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ସେଠୀ ବସିଥିଲେ । ହମନ ପୂଜାରେ ପୂଜକ ଭାବେ କସ୍ତୁବ ମିଶ୍ର ଥିବା ବେଳେ କର୍ତ୍ତା ଭାବେ କାହ୍ନୁଚରଣ ତ୍ରିପାଠୀ ଓ ଉମାରାଣୀ ତ୍ରିପାଠୀ ଥିଲେ । ଦୁର୍ଗାପୂଜା ଉପଲକ୍ଷେ ଡିମିରିପାଲି ଷ୍ଟାର କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ଦିନ ଡିମିରିପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେଠାରେ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କ୍ଲବର ସଭାପତି କନ୍ଦର୍ପ ସେଠୀ , ସମ୍ପାଦକ ଅଭିମନ୍ୟୁ ମେଶୁଆଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଏହି ବ୍ଲକର ଦୁର୍ଗାପୂଜା ଚଳିତବର୍ଷ ୫୬ ବର୍ଷରେ ପହଞ୍ଚିଛି । ସେହିପରି ବାଉଁଶୁଣୀ ଛକ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ, ବାଦିକଟା, ବହିରା ପ୍ରଭୃତି ସ୍ଥାନରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି ।

# ରାବଣ ବଧ ଏଥର ମୁଖ୍ୟ ଆକର୍ଷଣ



ବସଷ୍ଟାଣ୍ଡ ତୋରଣ।



ବୀରମହାରାଜପୁର ବସଷ୍ଟାଣ୍ଡ ଦୁର୍ଗାମେଢ଼।

**୨୪ ବର୍ଷରେ ବୀରମହାରାଜପୁର ବସଷ୍ଟାଣ୍ଡ ଦୁର୍ଗାପୂଜା ମହୋତ୍ସବ**

ଅମରପାଲି,୨୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବସଷ୍ଟାଣ୍ଡର ଦୁର୍ଗାପୂଜା ଚଳିତବର୍ଷ ୨୪ ବର୍ଷରେ ପହଞ୍ଚିଛି। ଏଥିପାଇଁ ଦେଖିବାକୁ ମିଳିଛି ଉତ୍ସାହର ମାହୋଲ। ଏଠାକାର ପୂଜା ପାଇଁ ଶନିବାର କଳସ ଯାତ୍ରା ସହିତ ସପ୍ତମୀ ପୂଜା ହୋଇଯାଇଛି। ଚଳିତବର୍ଷ ଆକର୍ଷଣୀୟ ସାଜସଜ୍ଜା ସହିତ ମନଲୋଭା ମେଢ଼, ରଙ୍ଗୀନ ଆଲୋକମାଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାବଣ ବଧ ଦର୍ଶକଙ୍କ ମନ ମୋହିବ ବୋଲି ଆୟୋଜକ ଆଶା ପ୍ରକାଶ କରିଛନ୍ତି। ପୂଜା ପରିଚାଳନା ପାଇଁ ଏକ କମିଟି ଗଠିତ ହୋଇଛି। ଏଥିରେ ଆଇନଜୀବୀ ବିଷ୍ଣୁଚରଣ ପଣ୍ଡା ସଭାପତି, ମନୋଜ ଦାସ କାର୍ଯ୍ୟକାରୀ ସଭାପତି, ପ୍ରାଣବନ୍ଧୁ ଦେହୁରୀ ସମ୍ପାଦକ ରହିଥିବା ଜଣାଯାଇଛି । ନାରାୟଣ ବେହେରାଙ୍କୁ କୋଷାଧ୍ୟକ୍ଷ, ରିଙ୍କୁ ପଣ୍ଡାଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ସରୋଜ ମିଶ୍ର, ପ୍ରଦୀପ ଚାନ୍ଦ, ଦେବରାଜ ପୁରୋହିତ, ଉମାଶଙ୍କର ପୂଜାରୀ, ସନ୍ତୋଷ ବେହେରାଙ୍କୁ ପରିଚାଳନା କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏଠାରେ ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ରବିବାର ମା' ଦୁର୍ଗାଙ୍କ ଅଷ୍ଟମୀ ପୂଜା ଓ ପାତାଳୀ ଶ୍ରୀକ୍ଷେତ୍ର କଳା ପରିଷଦ ଦ୍ୱାରା ଭଜନ ସମାରୋହ ହେବ ବୋଲି ଜଣାଯାଇଛି । ସୋମବାର ସୋନପୁର କଳାକାରଙ୍କ ଦ୍ୱାରା କୃଷ୍ଣଗୁରୁ ଓ ମହିଳା ସଙ୍କୀର୍ତ୍ତନ ପରିବେଷିତ ହେବ। ସେହିଭଳି ମଙ୍ଗଳବାର ଦଶହରା ପୂଜା, ସକାଳ ବେଳା ସୁନ୍ଦରାକାଣ୍ଡ ପାରାୟଣ ଓ ରାତିରେ ଚମ୍ପାମାଳର ରଘୁନାଥ ନାଟ୍ୟ ସଂସଦ ଦ୍ୱାରା ପୌରାଣିକ ନାଟକ 'ରାବଣ ବଧ' ମଞ୍ଚସ୍ଥ ହେବ ବୋଲି ପୂଜା କମିଟି ସୂତ୍ରରୁ ଜଣାପଡିଛି। ବୁଧବାର ବାଡ଼ି ଖେଳ, ଘଣ୍ଟ ବାଦ୍ୟ, ଦୁଲଦୁଲି ସହ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

**ସେମାନେ କହନ୍ତି....**

ଚଳିତବର୍ଷ ବସଷ୍ଟାଣ୍ଡର ଦୁର୍ଗାପୂଜା ୨୪ ବର୍ଷରେ ପହଞ୍ଚିଛି। ମା'ଙ୍କ ପୂଜା ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେଥିପାଇଁ ପୂଜା କମିଟି ପୁରା ପ୍ରସ୍ତୁତ ରହିଛି।

**ବିଷ୍ଣୁ ଚରଣ ପଣ୍ଡା(ସଭାପତି)**

ଏଠାକାର ପୂଜାରେ ପାରମ୍ପରିକ ପୂଜାକୁ ଗୁରୁତ୍ୱ ଦିଆଯାଉଛି। ସମସ୍ତେ କିପରି ଶୃଙ୍ଖଳିତ ଦର୍ଶନ କରିପାରିବେ ତାର ବ୍ୟବସ୍ଥା କରାଯାଇଛି। ସବୁ ବର୍ଗର ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି।

**ମନୋଜ ଦାସ( କାର୍ଯ୍ୟକାରୀ ସଭାପତି)**

ଚଳିତବର୍ଷ ଦୁର୍ଗା ପୂଜାରେ ରାବଣ ବଧ ମୁଖ୍ୟ ଆକର୍ଷଣ ।ଏଠାରେ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦିଆଯାଉଛି। ସୁନ୍ଦରାକାଣ୍ଡ ପାରାୟଣ, ମହିଳା ସଙ୍କୀର୍ତ୍ତନ,କୃଷ୍ଣଗୁରୁ ଆଦି ପରିବେଷଣ କରାଯାଉଛି।

**ପ୍ରାଣବନ୍ଧୁ ଦେହୁରୀ(ସମ୍ପାଦକ)**

ପୂଜାକୁ ସୁରୁଖୁରୁରେ ପରିଚାଳନା ପାଇଁ ଆମ କମିଟିର କର୍ମକର୍ତ୍ତା ପ୍ରସ୍ତୁତ ଅଛୁ। ଉଭୟ ଦିନବେଳା ଓ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଭସାଣିରେ ପାରମ୍ପରିକ ନୃତ୍ୟ, ବାଡ଼ି ଖେଳ, ଦୁଲଦୁଲି ଆଦି ସାମିଲ ହେବ।

ନାରାୟଣ ବେହେରା(କୋଷାଧ୍ୟକ୍ଷ)

## ସମଲେଶ୍ୱରୀଙ୍କ କାଳରାତ୍ରି ବେଶ



ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ଶନିବାର କାଳରାତ୍ରି ବେଶରେ ଦର୍ଶନ ଦେଇଥିଲେ। ଆଶ୍ୱିନ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଦେବୀଙ୍କୁ ଏହି ବେଶରେ ଦର୍ଶନ ପାଇଁ ସମଲେଶ୍ୱରୀ ମନ୍ଦିର ସମ୍ମୁଖରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଧୂପ, ଦୀପ, ଫୁଲ ଧରି ମନ୍ଦିରକୁ ଆସିଥିଲେ ଏବଂ ପୂଜାର୍ଚ୍ଚନା କରି ନିଜକୁ ସୌଭାଗ୍ୟ ମନେ କରିଥିଲେ । ମନ୍ଦିର ପୂଜକ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ ।

## ୧୫୩ ହିତାଧିକାରୀଙ୍କୁ ମିଳିଲା ମଧୁବାବୁ ଭତ୍ତା



ବରଗଡ଼ ବିଧାୟକ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରୁଛନ୍ତି ।

ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦର ନୂତନ ୧୫୩ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ପେନସନ ପ୍ରଦାନର ଶୁଭାରମ୍ଭ କରିଥିଲେ। ପୌର ପରିଷଦ ଅଞ୍ଚଳରେ ରହୁଥିବା କୌଣସି ଯୋଗ୍ୟ ହିତାଧିକାରୀ ଯେଭଳି ଏହି ଯୋଜନାରୁ ବାଦ୍ ନ ପଡ଼ିବେ, ସେଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ପୌର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଲିସ ଶହୀଦ ଦିବସ ପାଳିତ

ବୌଦ୍ଧ,୨୧।୧୦(ଅଜିତ କୁମାର ବାରିକ)



ଶହୀଦ ଗୋବିନ୍ଦ ପ୍ରଧାନଙ୍କ ପିତା ଏକାଦେଶୀ ପ୍ରଧାନଙ୍କୁ ଅତିଥି ସମ୍ମାନିତ କରୁଛନ୍ତି।

ବୌଦ୍ଧ ଜିଲା ପୋଲିସ ଓ ୫ମ ଆଇଆରବି ପକ୍ଷରୁ ବଲାସିଙ୍ଗାସ୍ଥିତ ଆଇଆରବି ପରେଡ ପଡିଆଠାରେ ଶନିବାର ଦିନ ୬୪ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗ ଦେଇଥିଲେ । ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଯୋଗଦେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିବା ସହିତ ଶହୀଦ ହୋଇଥିବା ଯବାନମାନଙ୍କ ନାମ ପାଠ କରିଥିଲେ । ଅନ୍ୟତମ ଅତିଥି ଭାବରେ ପଞ୍ଚମ ଇଣ୍ଡିଆନ ରିଜର୍ଭ ବାଟାଲିଆନର ଦୁର୍ଗପତି ଦୁର୍ବାସା ନାଏକ ଯୋଗ ଦେଇଥିଲେ । ଶହୀଦ ଦିବସ ଅବସରରେ ବୌଦ୍ଧ ଜିଲାର ଶହୀଦ ପରିବାର ତେତେଲେଙ୍ଗା ଗ୍ରାମର ଶହୀଦ ଗୋବିନ୍ଦ ପ୍ରଧାନଙ୍କ ପିତା ଏକାଦେଶୀ ପ୍ରଧାନ ଓ ପଦ୍ମନପୁର ଗ୍ରାମର ଶହୀଦ ବିଭୁଧେନ୍ଦ୍ର ବିଶ୍ୱାଳଙ୍କ ପିତା ବସନ୍ତ ବିଶ୍ୱାଳଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ ମିଞ୍ଜ, ଉପ ଦୁର୍ଗପତି ଗୋପବନ୍ଧୁ ତ୍ରିପାଠୀ, ଶ୍ରଦ୍ଧାକର ଧରୁଆ, ସହକାରୀ ଦୁର୍ଗପତି ଖଗପତି ନାଏକ, ରଙ୍କନିଧି ଜାନୀ, ଡିଏସପି ସଂଯୁକ୍ତ ବାର୍ଲା, ଏସଡିପିଓ କୈଳାସ ସେଠୀ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ବୌଦ୍ଧ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପରେଡକୁ ଉପ ଦୁର୍ଗପତି ନାଗେଶ ଜେନା ଓ ଟିକେଶ୍ୱର ପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ଜିଲାର ସମସ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

### ଷଣ୍ଢା ବାଡ଼ିଯାତ୍ରା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଅମରପାଲି,୨୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଷଣ୍ଢା ଗ୍ରାମରେ ବାଡ଼ିଯାତ୍ରା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟିର ସଭାପତି ସୁମନ୍ତ ଜଗଦଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଆମ୍ମା ଅଧ୍ୟକ୍ଷ ବିବସ୍ୱତୀ ପଣ୍ଡା, ଆଇନଜୀବୀ ରାଧାକାନ୍ତ ବାଘ , ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସତ୍ୟନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦଣ୍ଡ ନୃତ୍ୟ ଓ ସଂକୀର୍ତ୍ତନ ବୈଠକ ପରିବେଷଣ କରାଯାଇଥିଲା। ଏହା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।



ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀ ଶନିବାର ଜୟଦୁର୍ଗା ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।



ଖବରଦାତା ପ୍ରେମାନନ୍ଦ ଖମାରୀଙ୍କୁ ସମ୍ମାନିତ କରାଯାଉଛି।




ସାଂସ୍କୃତିକ କାର୍ଯ୍ୟକ୍ରମରେ ପଏଁରୀ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# ତିହାର ଲୋକ ମହୋତ୍ସବ ଉଦ୍‌ଘାଟିତ

ସରଣ୍ଡା,୨୧।୧୦(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ସାର୍ବଜନୀନ ଦୁର୍ଗାପୂଜା ଅବସରରେ ୧୩ତମ ତିହାର ଲୋକ ମହୋତ୍ସବ ଶନିବାର ରାତି ୯ଟାରେ ଉଦ୍‌ଘାଟିତ ହୋଇଯାଇଛି। ଲୋକ ମହୋତ୍ସବ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ନାଟ୍ୟକାର ଡ. ଦ୍ୱାରିକାନାଥ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆବାହକ ରବିନାରାୟଣ ପଣ୍ଡା ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ଅରବିନ୍ଦ ପାତ୍ର, ଧରିତ୍ରୀ ଜିଲା ପ୍ରତିନିଧି ପ୍ରେମାନନ୍ଦ ଖମାରୀ, ଅତାବିରା ଦୁର୍ଗାପୂଜା କମିଟି ସଭାପତି ଦୈତାରୀ ପ୍ରଧାନ, ଉପସଭାପତି ବିବି ଚୌଧୁରୀ, ସମ୍ପାଦକ ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତାବିରା ରାମଲୀଳାରେ ରାବଣ ଭୂମିକାରେ ଅଂଶଗ୍ରହଣ କରିଥିବା ଶୁଶିଲ ମେହେର ସ୍ୱତନ୍ତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନାଟକରେ ନାଟ୍ୟକାର, ଲେଖକ, ଅଭିନେତା ଡ. ଦ୍ୱାରିକାନାଥ ନାୟକଙ୍କୁ ସ୍ୱର୍ଗତ ରାଜେନ୍ଦ୍ର ସାହୁ ସ୍ମୃତି ସମ୍ମାନ, ସାମ୍ବାଦିକତାରେ ଧରିତ୍ରୀ ଜିଲା ପ୍ରତିନିଧି ପ୍ରେମାନନ୍ଦ ଖମାରୀଙ୍କୁ ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କ୍ରମରେ ବିପ୍ଲବୀ କବି ନୀତିଶ ଆଚାର୍ଯ୍ୟ, ବ୍ୟଙ୍ଗ ହାସ୍ୟକବି ସଚ୍ଚିଦାନନ୍ଦ ପଣ୍ଡାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶେଷରେ ବହୁ ପ୍ରତୀକ୍ଷିତ ନୃତ୍ୟ କଳା ସଂସ୍କୃତିର ସମାହାରରେ ବଲାଙ୍ଗୀରର ପଞ୍ଚମ ସାଂସ୍କୃତିକ ଅନୁଷ୍ଠାନ, ସୋନପୁରର ପଏଁରୀ ସାଂସ୍କୃତିକ ଅନୁଷ୍ଠାନ ଓ କଟକର ନଟରାଜ କଳା ପରିଷଦ କଳା ପ୍ରଦର୍ଶନ କରିଥିଲେ। ସମ୍ପାଦକ ଅରବିନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟୁତ୍‌ପ୍ରଭା ମିଶ୍ର ଓ ଶ୍ରୁତି ଆଚାର୍ଯ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


କୁତ୍ରାରେ ଦୁର୍ଗାପୂଜା।


ହେମଗିରରେ ଦୁର୍ଗାପୂଜା।


କୁଆଁରମୁଣ୍ଡା ନାଗରାଗଡା।


ରାଜଗାଙ୍ଗପୁର କମ୍ୟୁନିଟ ସେଣ୍ଟର।


ସୁନ୍ଦରଗଡ଼ ଇବ୍ ନଗର ।

# ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା

## ଇବ୍ ନଗର ଦୁର୍ଗାପୂଜା, ରାବଣପୋଡ଼ି ମୁଖ୍ୟ ଆକର୍ଷଣ

ସୁନ୍ଦରଗଡ,୨୧।୧୦
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସହରର ବିଭିନ୍ନ ପୂଜାମଣ୍ଡପ ଗୁଡିକରେ ଆରମ୍ଭ ହୋଇଯାଇଛି ଦୁର୍ଗାପୂଜା। ମନ୍ତ୍ର ଧ୍ୱନୀ, ଚଣ୍ଡିପାଠ ଓ ପାରମ୍ପରିକ ଦୁଲଦୁଲି ବାଦ୍ୟରେ ମୁଖରିତ ହୋଇଉଠିଛି ପୂଜା ମଣ୍ଡପ। ସପ୍ତମୀ ସନ୍ଧ୍ୟାରେ ବିଭିନ୍ନ ମଣ୍ଡପ ଗୁଡିକରେ ପଶ୍ଚିମ ଓଡିଶାର ପବିତ୍ର ଭାଇ ଜିଉନ୍ତିଆ ଓଷା ପାଳିତ ହୋଇଯାଇଛି। ଭଉଣୀମାନେ ଭାଇର ଶୁଭ ମନାସୀ ଉପବାସ କରି ଏହି ଓଷା ପାଳନ କରିଛନ୍ତି। ସହରର ବିଭିନ୍ନ ପୂଜା ମଣ୍ଡପ ଗୁଡିକ ମଧ୍ୟରୁ ଇବ ନଗର ଦୂର୍ଗାପୂଜା ଚଳିତ ବର୍ଷ ୨୦ବର୍ଷରେ ପଦାର୍ପଣ କରିଛି। ଷଷ୍ଠୀ ସନ୍ଧ୍ୟାରେ ବିଲ୍ୱ ବରଣ ପରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ଇବ ନଗର ବାସିନ୍ଦାଙ୍କ ସମ୍ମିଳିତ ଉଦ୍ୟମରେ ପ୍ରତି ବର୍ଷ ଦୁର୍ଗାପୂଜା ଉତ୍ସାହ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହେଉଛି। ପ୍ରତିଦିନ ସନ୍ଧ୍ୟାରେ ଆଳତୀ ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି। ଚଳିତ ବର୍ଷ ପୂଜା କମିଟି ତରଫରୁ ପ୍ରଥମ କରି ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ପଡିଆରେ ରାବଣପୋଡି ଉତ୍ସବ ଅନୁଷ୍ଠିତ ହେବ। କମିଟି ସଭାପତି ଭାବେ ଅଜିତ ପ୍ରସାଦ, ଉପସଭାପତି ବିପିନ ପଟେଲ ଓ ଦୁର୍ଯ୍ୟୋଧନ ମହାପାତ୍ର, ଅସ୍ମିତ ପଟେଲ ସାଧାରଣ ସମ୍ପାଦକ, ପ୍ରତାପ ତ୍ରିପାଠୀ କୋଷାଧ୍ୟକ୍ଷ, ତାରାଚାନ୍ଦ ପଟେଲ ଉପଦେଷ୍ଟା ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋଜ ବାରିକ, ମାନସ ଦାସ,ରଞ୍ଜନ ପଟେଲ, ପିନାକ୍ଷି ଚାନ୍ଦ ପ୍ରମୁଖ ରହିଛନ୍ତି। ମନୋଜ ପାଢୀଯୋଶୀ ଓ ତାଙ୍କ ସ୍ତ୍ରୀ କବିତା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ବରଗଡ଼ ଜିଲା ପଦ୍ମପୁରର ଜଗଦୀଶ ଠାକୁର ମୁଖ୍ୟ ପୂଜକ କାର୍ଯ୍ୟ ତୁଲାଉ ଥିଲା ବେଳେ ପ୍ରିତିଶ ମିଶ୍ର ଓ ପ୍ରଶାନ୍ତ ତ୍ରିପାଠୀ ସହଯୋଗୀ ପୂଜକ ଦାୟିତ୍ୱ ତୁଲାଉଛନ୍ତି।

**ରାଜଗାଙ୍ଗପୁର (ଅଶୋକ ପାଣି):** ରାଜଗାଙ୍ଗପୁର ସହରାଞ୍ଚଳ ତଥା ପଞ୍ଚାୟତ ସ୍ତରରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ବହୁ ଆଡମ୍ବରରେ ଶୁକ୍ରବାର ବେଲବରଣିରୁ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ସହରାଞ୍ଚଳରେ ୮ଟି ଓ ପଞ୍ଚାୟତରେ ୫ ଟି ସ୍ଥାନରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ପୂଜାମଣ୍ଡପ ଗୁଡିକ ସୁସଜ୍ଜିତ ହୋଇ ଆଲୋକ ମାଳାରେ ଝଲସୁଛି। ତନ୍ମଧ୍ୟରୁ କମ୍ୟୁନିଟି ସେଣ୍ଟର ସାର୍ବଜନୀନ ଦୁର୍ଗାପୂଜା ୯୮ତମ ଓ ରାଠୋର କଲୋନୀର ଦୁର୍ଗାପୂଜା ୫୦ ବର୍ଷରେ ପଦାର୍ପଣ କରିଛି। ମହାସପ୍ତମି ତଥା ଶନିବାର ଦିନଠାରୁ ବିଭିନ୍ନ ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆରମ୍ଭ ହୋଇଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

**କୁତ୍ରା (ଦେବାଶିଷ ସାହୁ):** କୁତ୍ରା ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ମା'ଙ୍କ ଷଷ୍ଠି ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ମହା ସପ୍ତମୀ ପୂଜା ଅନୁଷ୍ଠିତ ହେବା ସହିତ ସନ୍ଧ୍ୟାରେ ପଶ୍ଚିମ ଓଡିଶାର ମହାନ ପରମ୍ପରାର ନିଦର୍ଶନ ଭାଇ ଜିଉଁତିଆ ଅନୁଷ୍ଠିତ ହୋଇଯାଇଛି। ଭାଇର ସୁଭ ମନାସୀ ଭଉଣୀମାନେ ଉପବାସ କରି ମା'ଙ୍କ ନିକଟରେ ବିଶେଷ ପୂଜାର୍ଚ୍ଚନା କରିଥିଲେ। ପୂଜା ମଣ୍ଡପରେ ଏକତ୍ରିତ ହୋଇ ପୂଜା କରିବା ସହ ମା'ଙ୍କ ନିକଟରେ ଦୂବ ଅରୁଆ ଚାଉଳ ଅର୍ପଣ କରିଥିଲେ। ରବିବାର ସକାଳୁ ଭାଇଙ୍କ ସୁଭ ମନାସୀ ବନ୍ଦାପନା ଅନୁଷ୍ଠିତ ହେବ। ଏହି ନିଆରା ପରମ୍ପରା ଏକ ଆବେଗିକ ବାତାବରଣ ସୃଷ୍ଟି କରିଥାଏ। ଏହି ପୂଜା ପାଇଁ ମଣ୍ଡପରେ ଭିଡ ପରିଲକ୍ଷିତ ହେବା ସହ ବିଶେଷ ପୂଜାବିଧି ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ଶଙ୍କରପ୍ରଶାଦ ଟପ୍ପୋଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସାର୍ବଜନୀନ ପୂଜାରେ ଚଳିତ ବର୍ଷ ଶିବଶଙ୍କର ବେହେରା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ରବିନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। କମିଟି ସଂପାଦକ ପ୍ରଶାନ୍ତ ସାହୁ, ବଜରଙ୍ଗ କେଶରୀ ସାହୁ, ଦେବାଶିଷ ସାହୁ, ବୁଟୁ ଦାସ, କୁନି ଟପ୍ପୋ,ଦେବରାଜ କୁଜୁର,ପ୍ରଦୀପ ମଲୁଆ,ସୁନୀଲ ପଟେଲ, ପ୍ରମୁଖ ସହଯୋଗ କରୁଛନ୍ତି।

# ଦୁର୍ଗାପୂଜା ପାଇଁ କଳସ ଯାତ୍ରା

ହେମଗିର,୨୧।୧୦(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିରରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଶନିବାର କଳସ ଯାତ୍ରା ଓ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁର୍ଗାମଣ୍ଡପଠାରୁ ଆରମ୍ଭ କରି ଶିବସାଗର ପୋଖରୀ ପର୍ଯ୍ୟନ୍ତ କରମା ନୃତ୍ୟ, ବାଜା ତଥା ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ରର ତାଳେ ତାଳେ କଳସ ଯାତ୍ରା କରି ପାଣି ଅଣାଯାଇଥିଲା। ପରେ ମଣ୍ଡପରେ ସପ୍ତମୀ ପୂଜା ଆରମ୍ଭ ହୋଇଥିଲା। ଏହି ପୂଜାରେ ପୁରୋହିତ ଭାବେ ଉମେଶ ଶତପଥୀ, ରମେଶ ଶତପଥୀ ଥିବାବେଳେ କର୍ତ୍ତା ଭାବେ ଗୋବିନ୍ଦ ଶତପଥୀ ଓ ସାଙ୍କେତିକା ଶତପଥୀ କାର୍ଯ୍ୟ ତୁଲାଉଛନ୍ତି। ଏହି କଳସ ଯାତ୍ରାରେ ଶହ ଶହ ସଂଖ୍ୟାରେ ଭକ୍ତ ଯୋଗଦେଇଥିଲେ। ପୂଜାକୁ ନେଇ କମିଟି ତରଫରୁ ବ୍ୟାପକ ଆୟୋଜନ କରାଯାଇଛି।


ସବ୍‌ଡେଗାରେ ଦୁର୍ଗାପୂଜା ମଣ୍ଡପ ବୁଲିଲେ ପଦ୍ମଶ୍ରୀ ଦିଲିପ ତିର୍କୀ

# ଖଣି ଖୋଲିବାକୁ ନେଇ ଗଣ୍ଡଗୋଳ

କୁତ୍ରା,୨୧।୧୦(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଖଡକୁରବାହାଲରେ ଥିବା ଏକ ଖଣିକୁ ନେଇ ଗୌଡ଼ପଡାବାସୀ ଓ ଖଣି ଚଳାଉଥିବା ଠିକାଦାରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ କିଛି ଗ୍ରାମବାସୀ ଆହତ ହୋଇଛନ୍ତି। ଏନେଇ ପଡ଼ାବାସୀଙ୍କ ପକ୍ଷରୁ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଉକ୍ତ ଖଣି ଠିକାଦାରଙ୍କ ଦ୍ୱାରା ଖୋଲା ଯାଉଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଏହାକୁ ନେଇ ଠିକାଦାର ଓ ଗ୍ରାମବାସୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହିତ ଗଣ୍ଡଗୋଳ ହୋଇଥିଲା। ଏଥିରେ କିଛି ଗ୍ରାମବାସୀ ଆହତ ହୋଇଥିଲେ। ସୂଚନାଯୋଗ୍ୟ, ଏହି ୪ ନମ୍ବର ଖଣି ଖୋଲା ହେବା ସ୍ଥାନକୁ ଗ୍ରାମବାସୀ ଖେଳ ପଡିଆ ଭାବେ ବ୍ୟବହାର କରି ଆସୁଥିଲେ। ଆପୋଷ ଆଲୋଚନା ମାଧ୍ୟମରେ ଗ୍ରାମବାସୀଙ୍କ ପାଇଁ ଅନ୍ୟତ୍ର ପ୍ରଥମେ ଏକ ଖେଳ ପଡିଆ ନିର୍ମାଣ ପରେ ଉକ୍ତ ଖଣି ଖୋଲିବା ପାଇଁ ଆଲୋଚନା ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ଖେଳ ପଡିଆ ନିର୍ମାଣ ନ କରି ଖଣି ଖୋଲିବା ଆରମ୍ଭ ହୋଇଥିଲା। ଏହାକୁ ଗ୍ରାମବାସୀ ବିରୋଧ କରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏନେଇ ଖଣି କର୍ମଚାରୀଙ୍କୁ ପଚାରିବାରୁ ପଞ୍ଚାୟତ ପାଖରେ ଖେଳ ପଡ଼ିଆ ନିର୍ମାଣ କରାଯାଇଥିବା କହିଛନ୍ତି।

# ପଥଚାରୀଙ୍କୁ ଧକ୍କା ଦେଲା ବାଇକ୍, ୩ ଗୁରୁତର

ହେମଗିର,୨୧।୧୦ (ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ଥାନା ଆର୍ଜୟ କୋଲୱାସେରି ନିକଟରେ ଶନିବାର ସନ୍ଧ୍ୟାରେ ଜଣେ ପଥଚାରୀଙ୍କୁ ବାଇକ୍ ଧକ୍କା ଦେଇଥିଲା। ଏଥିରେ ୨ ବାଇକ୍ ଆରୋହୀ ଓ ପଥଚାରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ସୁଦ୍ଧା( ରାତି୮ଟା) ଗୁରୁତରଙ୍କ ପରିଚୟ ମିଳିପାରି ନାହିଁ।

# ଦନ୍ତା ଫେରିଲା ଝାଡ଼ଖଣ୍ଡ ଜଙ୍ଗଲ

ବଡ଼ଗାଁ,୨୧।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଏକ ଦନ୍ତାକୁ ବନ କର୍ମଚାରୀ ଝାଡ଼ଖଣ୍ଡ ରାଜ୍ୟ ଜଙ୍ଗଲକୁ ଘଉଡାଇ ଦେଇଥିବା ରେଞ୍ଜର ପ୍ରଦୀପ ଭୁଟିଆ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ କିଛିମାସ ହେଲା ଅଞ୍ଚଳକୁ ଝାଡ଼ଖଣ୍ଡ ଜଙ୍ଗଲରୁ ୨୨ ଟି ହାତୀ ପଶି ଆସିଥିଲେ। ତନ୍ମଧ୍ୟରୁ ୨୧ ହାତୀକୁ ବନ କର୍ମଚାରୀ ଘଉଡାଇ ଝାଡ଼ଖଣ୍ଡ ଜଙ୍ଗଲକୁ ପଠାଇ ଦେଇଥିଲେ। ହେଲେ ଗୋଟିଏ ହାତୀ ରହିଯାଇଥିଲା। ଏହି ଦନ୍ତା ବଡ଼ଗାଁ ସମେତ କୁତ୍ରା ଓ ସବ୍‌ଡେଗା ଅଞ୍ଚଳରେ ଉପଦ୍ରବ କରିଆସୁଥିଲା। ଫୁଲବାରୀ ପଞ୍ଚାୟତ ଲାଖପଡା ଗ୍ରାମର ଜଣେ ଯୁବକଙ୍କୁ ଏହି ଦନ୍ତା କଚାଡି ମାରିଦେଇଥିବା ବେଳେ ଅନେକ ଘର, ପାଚେରି ଭାଙ୍ଗିବା ସହ ଧାନ ଚାଷ ନଷ୍ଟ କରିଥିଲା। ଶୁକ୍ରବାର ରାତିରେ ରେଞ୍ଜର ପ୍ରଦୀପ ଭୁଟିଆଙ୍କ ସହିତ ବନ କର୍ମଚାରୀ ବିଜୁ ନାଏକ, ହରିହର ସାହୁ, ବିକାଶ ନାଗ, ସମୀର ଟିଗା, ମନସୁକ ଗୁଡିଆ, ଦିଲ୍ଲୀପ ଏକ୍କା, ଅମରଦୀପ ଏକ୍କା ଦନ୍ତାକୁ କୁତ୍ରା ବ୍ଲକର ସାଧୁମୁଣ୍ଡା ଦେଇ ଶଙ୍ଖନଦୀ ପାର କରି ଘଉଡାଇ ଦେଇଥିବା ସୂଚନା ମିଳିଛି। ତେବେ ହାତୀକୁ ଝାଡ଼ଖଣ୍ଡ ଜଙ୍ଗଲକୁ ଘଉଡାଇ ଦେଇଥିଲେ ମଧ୍ୟ ଫେରିବା ଆଶଙ୍କା କରି ସାନ୍ଧ୍ୟାରୁ ବନ କର୍ମଚାରୀ ସୀମାନ୍ତ ଅଞ୍ଚଳ ଗସ୍ତ କରୁଛନ୍ତି।

# ବେଆଇନ ଚାନ୍ଦା ଆଦାୟ, ସରପଞ୍ଚଙ୍କ ସ୍ୱାମୀ ସମେତ ୩ଗିରଫ

ସୁନ୍ଦରଗଡ,୨୧।୧୦
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଭଷ୍ମା ଥାନା ଭଷ୍ମା- ବଡବଙ୍ଗା ରାସ୍ତାର ଗୁଲଠା ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକକୁ ଅଟକାଇ ବେଆଇନ ଭାବେ ଚାନ୍ଦା ଆଦାୟ କରୁଥିବା ଅଭିଯୋଗରେ ପୋଲିସ ଜଣେ ସରପଞ୍ଚ ସ୍ୱାମୀଙ୍କ ସମେତ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମଙ୍ଗଳ ଭୋଇ(୪୮), ଗଣେଶରାମ ଚୌଧୁରୀ ଓ ଭୀଷ୍ମଦେବ ମାଝି। ମିଳିଥିବା ସୂଚନା ଅନୁସାରେ, ଅଭିଯୁକ୍ତଙ୍କ ସହିତ ୧୦ରୁ୧୨ଜଣ ମିଶି ସରଧାପାଲି ଗ୍ରାମର ସୂରଜ ପଟେଲଙ୍କ କୋଇଲା ବୋଝେଇ ଟ୍ରକକୁ ରାତିରେ ଅଟକାଇ ଡ୍ରାଇଭରଙ୍କୁ ବେଆଇନ ଭାବେ ଚାନ୍ଦା ମାଗିଥିଲେ। ଚାନ୍ଦା ନ ଦେବାରୁ ଅଭିଯୁକ୍ତମାନେ ଡ୍ରାଇଭରଙ୍କୁ ମାଡ ମାରି ଗାଡି କାଚ ଭଙ୍ଗାରୁଜା କରିଥିଲେ। ଖବର ପାଇ ପାଟ୍ରୋଲିଂ ରେ ଥିବା ଭଷ୍ମା ଥାନା ଆଇଆଇସି ପ୍ରୀତିମଞ୍ଜରୀ ମେଣ୍ଡୁଲି ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲେ।

# ଜଳୁନି ଷ୍ଟ୍ରିଟ ଲାଇଟ୍, ଲୋକେ ହନ୍ତସନ୍ତ

ସବ୍‌ଡେଗା,୨୧।୧୦ (ଅନନ୍ତ ପଟେଲ)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ଗ୍ରାମରେ ପଞ୍ଚାୟତ ତରଫରୁ ମୁଖ୍ୟ ରାସ୍ତାରେ ଲାଗିଥିବା ଷ୍ଟ୍ରିଟ ଲାଇଟ ମଧ୍ୟରୁ ଗୋଟିଏ ଲାଇଟ ଗାଈବିରା ଛକରେ ଜଳୁନାହିଁ। ଉକ୍ତ ଛକଟି ଛତିଶଗଡ଼ ଓ ଝାରଖଣ୍ଡରୁ ଆସି ସବ୍‌ଡେଗାରେ ମିଶିଛି। ଏହା ଜନଗହଳିପୂର୍ଣ୍ଣ ରାସ୍ତା ହୋଇଥିବାରୁ ଲୋକେ ସନ୍ଧ୍ୟା ହେଲେ ଅସୁବିଧା ଭୋଗୁଛନ୍ତି। ଗୁରୁବାର ୨ଟି ସାଇକେଲ ମଧ୍ୟରେ ମାଡ଼ ହୋଇ ଜଣଙ୍କର ଗୋଡ଼ ଭାଙ୍ଗି ଯାଇଛି। ଯଦି ଆଗକୁ ଏଭଳି ଦୁର୍ଘଟଣା ଘଟେ ତେବେ ବିଜୁଳି ବିଭାଗ ଦାୟୀ ରହିବ ଏବଂ ଅଫିସ ଘେରାଉ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ବିଷୟରେ ବାରମ୍ବାର ମେଣ୍ଟେନାନ୍ସ ଜେଇ ଦେବାଶିଷ ଦାସଙ୍କୁ କୁହାଗଲେ ମଧ କୌଣସି ସୁଫଳ ମିଳୁନାହିଁ। ଏହି ଲାଇଟରେ ମିଟର ଲାଗିନି, ଏଥିପାଇଁ ଆମକୁ ପଞ୍ଚାୟତ ଟଙ୍କା ଦେଉନି। ଏନେଇ ସରପଞ୍ଚଙ୍କୁ ଅବଗତ କରିବାକୁ ଜେଇ ଦାସ କହିଥିଲେ। ସରପଞ୍ଚ ଗଣେଶ ପ୍ରଧାନଙ୍କୁ ପଚାରିଲେ, ଷ୍ଟ୍ରିଟ ଲାଇଟ ପାଇଁ ପ୍ରତ୍ୟେକ ମାସରେ ବିଲ୍ ପୈଠ କରାଯାଉଛି ବୋଲି କହିଥିଲେ।


ଜଳୁ ନ ଥିବା ଷ୍ଟ୍ରିଟ ଲାଇଟ୍।

# ମୃତକଙ୍କ ସ୍ତ୍ରୀଙ୍କୁ ସହାୟତା ପ୍ରଦାନ

**ବଡ଼ଗାଁ,୨୧।୧୦(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଦନ୍ତା ଗତ ୧୯ ତାରିଖ ବିଳମ୍ବିତ ରାତିରେ ଫୁଲବାରୀ ପଞ୍ଚାୟତ ଲାଖପଡ଼ା ଗ୍ରାମର ବୀରେନ ଚନ୍ଦ୍ର କିଷାନଙ୍କୁ କଚାଡି ମାରି ଦେଇଥିଲା। ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର ସରକାରୀ ସହାୟତା ମିଳିବ। ସେଥି ମଧ୍ୟରୁ ୧୦ ପ୍ରତିଶତ ରାଶି ଶୁଦ୍ଧିକ୍ରିୟା ପାଇଁ ରହିଛି। ଶନିବାର ସରପଞ୍ଚ ଯୋଗେନ୍ଦ୍ର କିଷାନ, ତୁଡାଲଗା ବନରକ୍ଷୀ ସଞ୍ଜୁଲତା ବେହେରା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବଡ଼ଗାଁ ଫରେଷ୍ଟ ରେଞ୍ଜର ପ୍ରଦୀପ କୁମାର ଭୁଟିଆ ମୃତକ ବୀରେନଙ୍କ ସ୍ତ୍ରୀ ଗୁରୁବାରୀ କିଷାନଙ୍କୁ ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ଟଙ୍କା ପ୍ରଦାନ କରିଛନ୍ତି।


ମୃତକ ବୀରେନଙ୍କ ସ୍ତ୍ରୀଙ୍କୁ ବନ ଅଧିକାରୀ ସହାୟତା ରାଶି ପ୍ରଦାନ କରୁଛନ୍ତି।






ସମ୍ବଲପୁରର କାଳୀବାଡ଼ି, ନନ୍ଦପଡ଼ା, ଜିଲା ସ୍କୁଲ ଛକ ଓ ପଟ୍ଟନାୟକପଡ଼ାଠାରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।






ସମ୍ବଲପୁର ବୁଢ଼ାରଜା ଫାଟକ, ଠେଲ୍‌କୋପଡ଼ା, ଗୋବିନ୍ଦତୋଳା ଓ ଧନୁପାଲିଠାରେ ଶୋଭା ପାଉଥିବା ସୁଦୃଶ୍ୟ ତୋରଣ।

## ସଂକ୍ଷେପରେ

### ନିଆରା ପରମ୍ପରା ଭାଇ ଜିଉଁତିଆ

**ସମ୍ବଲପୁର,୨୧।୧୦(ବି.ଶଙ୍କର):** ପଶ୍ଚିମ ଓଡ଼ିଶାର ନିଆରା ପରମ୍ପରା ଭାଇ ଜିଉଁତିଆ ଶନିବାର ରାତିରେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ପାଳିତ ହୋଇଯାଇଛି। ଭଉଣୀମାନେ ନିର୍ଜଳା ଉପବାସ ରହି ସନ୍ଧ୍ୟାରେ ନୂଆବସ୍ତ୍ର ପରିଧାନ କରି ଦୁର୍ଗା ମଣ୍ଡପରେ ଅଷ୍ଟମୀ ପୂଜା କରିଛନ୍ତି। ଦୂବ, ଚାଉଳ, ଫୁଲ, ବେଲପତ୍ର ଦେବୀଙ୍କୁ ଚଢ଼ାଇ ପୂଜାଥାଳି ସହ ଘରକୁ ଫେରିଛନ୍ତି। ରବିବାର ପ୍ରାତଃରେ ସ୍ନାନ ପରେ ବ୍ରତଧାରୀ ଭଉଣୀମାନେ ଭାଇମାନଙ୍କ ଦୀର୍ଘ ଜୀବନ କାମନା କରି ଦୂବ ଛୁଆଁଇବେ। ଏହାକୁ ଦୃଷ୍ଟିରେ ରଖି ଜେଲ ଛକ, ଲକ୍ଷ୍ମୀଟକିଜ ଛକ, ସାକ୍ଷୀପଡା, ଜିଲା ସ୍କୁଲଛକ, ଦଲେଇପଡା, ନନ୍ଦପଡା, ଝାଡୁଆପଡା, କୁଞ୍ଜେଲପଡା, ଘୁନଘୁଟିପଡା, ଚେରୁଆପଡା, ବଡବଜାର, ଗୋପାଳମାଲ, କାଳୀବାଡି, ଗୁରୁଦ୍ୱାରା, ଠେଲକୋପଡା ପ୍ରଭୃତି ଦୁର୍ଗାମଣ୍ଡପରେ ଆୟୋଜକମାନେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭଉଣୀମାନେ ଧାଡିରେ ଯାଇ ଦେବୀଙ୍କ ଦର୍ଶନ କରିଥିଲେ। ରାତିରେ ବିଭିନ୍ନ ଅଞ୍ଚଳରୁ ଭଉଣୀ ଓ ମା'ମାନେ ଦଳ ଦଳ ହୋଇ ଇଷ୍ଟଦେବୀ ସମଲେଶ୍ୱରୀଙ୍କୁ ଦର୍ଶନ କରିଛନ୍ତି।

### ୬୪ତମ ପୋଲିସ ଶହୀଦ ଦିବସ

**ସମ୍ବଲପୁର,୨୧।୧୦(ବି.ଶଙ୍କର):** ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ଶନିବାର ୬୪ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ସହର ରିଜର୍ଭ ପୋଲିସ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ଆଇଜି ଡ. ଦୀପକ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ତ୍ତବ୍ୟ ସମ୍ପାଦନ ବେଳେ ଦେଶ ପାଇଁ ଶହୀଦ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସ୍ମୃତିଚାରଣ କରିଥିଲେ। ଏସ୍‌ପି ମୁକେଶ କୁମାର ଭାମୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ପୋଲିସ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ମହାନଦୀ ମଚ୍ଛିନ୍ଦ୍ର ଘାଟରେ ସମଲେଇଙ୍କ ଖଣ୍ଡାଧୁଆ ନୀତି

**ସମ୍ବଲପୁର,୨୧।୧୦(ବି.ଶଙ୍କର):** ମହାଷ୍ଟମୀ ତିଥିରେ ଇଷ୍ଟଦେବୀ ସମଲେଇଙ୍କ ଖଣ୍ଡାଧୁଆ ନୀତି ଶନିବାର ରାତିରେ ସମ୍ପନ୍ନ ହୋଇଛି। ପୂଜକମାନେ ଖଣ୍ଡା ନେଇ ସମଲେଇ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରାରେ ବାହାରି ସମଲେଇ ମନ୍ଦିର ଛକ, ବଡବଜାର ଅଞ୍ଚଳ ପରିକ୍ରମା କରିଥିଲେ। ବୀର ବାଦ୍ୟର ତାଳେ ତାଳେ ଶୋଭାଯାତ୍ରା ପଥ ପ୍ରକମ୍ପିତ ହୋଇଥିଲା। ପୂଜକମାନଙ୍କ ଦ୍ୱାରା ମହାନଦୀ ମଚ୍ଛିନ୍ଦ୍ର ଘାଟରେ ଖଣ୍ଡାଧୁଆ ନୀତି ହୋଇଥିଲା। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଖଣ୍ଡା ଓ ଖଣ୍ଡାକୁ ପୂଜାର୍ଚ୍ଚନା କରିଥିଲେ। ପରେ ପୂଜକମାନେ ମଚ୍ଛିନ୍ଦ୍ର ଘାଟକୁ ଯାଇ ପୁଣି ମନ୍ଦିରକୁ ଫେରିଥିଲେ। ପରେ ସମଲେଇଙ୍କ ପୀଠରେ ଖଣ୍ଡା ସ୍ଥାପନ କରାଯାଇଥିଲା।

# ଭାଷା ସାହିତ୍ୟର ବିକାଶ ପାଇଁ ପଦକ୍ଷେପ ନିଆଯାଉ

**ସମ୍ବଲପୁର,୨୧।୧୦(ବି.ଶଙ୍କର)**

## ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କୁ 'କଲମ'ର ସ୍ମାରକପତ୍ର

ପଶ୍ଚିମ ଓଡ଼ିଶା ଭାଷା ସାହିତ୍ୟ ବିକାଶ ସକାଶେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଏ ନେଇ ସାହିତ୍ୟ ଅନୁଷ୍ଠାନ କଲମ ପକ୍ଷରୁ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ ତ୍ରିପାଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିରେ ଦର୍ଶାଯାଇଛି, ସମ୍ବଲପୁରୀ ଭାଷା ସାହିତ୍ୟର ସଂରକ୍ଷଣ ଓ ଗବେଷଣା ନିମନ୍ତେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ନାମରେ ଏକ ଭାଷା ସାହିତ୍ୟ ପାଠାଗାର ଓ ଗବେଷଣା କେନ୍ଦ୍ର ନିର୍ମାଣ କରାଯାଉ। ଏଥିସହ ଗବେଷକମାନଙ୍କୁ ସହାୟତା ପ୍ରଦାନ କରିବା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ନିମନ୍ତେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ପ୍ରଦାନ କରାଯାଉଥିବା ସମୁଦାୟ ବାର୍ଷିକ ଅନୁଦାନର ୨ କିମ୍ବା ୩ ପ୍ରତିଶତ ଭାଷା ସାହିତ୍ୟର ବିକାଶ ନିମନ୍ତେ ବିନିଯୋଗ କରାଯାଉ। ସେହି ଅର୍ଥରେ ଅଞ୍ଚଳର କବି, ଲେଖକ, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ଅନୁବାଦକ, କଥାକାର, ନାଟ୍ୟକାରଙ୍କ ପ୍ରକାଶିତ ପୁସ୍ତକକୁ ବିକାଶ ପରିଷଦ କ୍ରୟ କରି ବିଭିନ୍ନ ବିଦ୍ୟାଳୟ ଏବଂ ପଞ୍ଚାୟତରେ ସ୍ଥାପିତ ପାଠାଗାରରେ ଉପଲବ୍ଧ କରାଯାଉ। ଏହାଦ୍ୱାରା ଉଭୟ ସାହିତ୍ୟିକ ଓ ପାଠକ ଉପକୃତ ହୋଇପାରିବେ ଏବଂ ସାହିତ୍ୟ ପ୍ରତି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି । କଲମ ଆବାହକ ମହମ୍ମଦ ତଫିଜୁଲ ହୋସେନ, ସଭାପତି ଜୟକୃଷ୍ଣ ବେହେରା, ପରାମର୍ଶଦାତା କମିଟି ସଦସ୍ୟ ଦୀପକ ପଣ୍ଡା, ଡ. ସତ୍ୟନାରାୟଣ ଠାକୁର ପ୍ରତିନିଧି ଦଳରେ ସାମିଲ ଥିଲେ।

# ବାସ୍କେଟବଲ: ଯୋସେଫାଇଟ ଜୋଡନ ଚାମ୍ପିୟନ

**ସମ୍ବଲପୁର,୨୧।୧୦(ବି.ଶଙ୍କର)**



ଚାମ୍ପିୟନ ଦଳ ମୁଖ୍ୟ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

୧୫ତମ ଫାଦର ଜନ ଉଇଲିୟମ ମିଞ୍ଜ ଜାତୀୟ ବାସ୍କେଟବଲ ଟୁର୍ନାମେଣ୍ଟ ଶନିବାର ସମ୍ବଲପୁର ସେଣ୍ଟଜନ ବାସ୍କେଟବଲ ପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ସମ୍ବଲପୁର ଜିଲାର ଯୋସେଫାଇଟ ଜୋଡନ ଦଳ ଚାମ୍ପିୟନ ଓ ଭୁବନେଶ୍ୱର ୱିନର ଆସୋସିଏଶନ ରନର୍ସଅପ ଟ୍ରଫି ହାସଲ କରିଛି । ସେହିପରି ରାଉରକେଲା ଆର୍‌ଏସ୍‌ପି ଦଳ ତୃତୀୟ ସ୍ଥାନ ଅଧିକାର କରିଛି। ୧୯ବର୍ଷରୁ କମ ବାଳକ ବର୍ଗରେ ଭୁବନେଶ୍ୱର ଆର୍‌ଏଚ୍‌ଏସ୍ ଚାମ୍ପିୟନ, ଶାସନ ବିକାଶ ସ୍କୁଲ ରନର୍ସ ଅପ ହୋଇଛନ୍ତି । ସେହିପରି ୧୯ବର୍ଷରୁ କମ ବାଳିକା ବର୍ଗରେ ଭୁବନେଶ୍ୱର ଏସ୍‌ଏସ୍ ଚାମ୍ପିୟନ ଓ ଭୁବନେଶ୍ୱର ଆର୍‌ଏଚ୍‌ଏସ୍ ରନର୍ସ ଅପ ଟ୍ରଫି ହାସଲ କରିଛି। ଆୟୋଜନ କମିଟି ସମ୍ପାଦକ ଫାଦର ଅନିଲ କୁଜୁରଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଏସ୍‌ପି ନାରାୟଣ ନାଏକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜୁଲିଆସ ଲାକ୍ରା, ଡିଏସ୍‌ପି ଜେମସ ସାମଦ, ସମ୍ବଲପୁର ଜିଲା ହାବିଲଦାର କନଷ୍ଟେବଲ ସଂଘ ସଭାପତି ରାମଦାସ ପଣ୍ଡା, ସାମାଜିକ କର୍ମୀ ଉର୍ସେଲ ମିଞ୍ଜ ଓ ଖ୍ରୀଷ୍ଟଫର କୁଜୁର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅମ୍ପାୟାର ମହମ୍ମଦ ସାହିଦ, ପିକେ ତରାଇ, ଜୁବେର ଅଲ୍ଲି ଖାନ, ଅମର ସିଂ, ସଞ୍ଜୀବ କୁମାର ନାଥ, ରଞ୍ଜିତ ନାୟକ, ଶ୍ୟାମସୁନ୍ଦର ବେହେରା ମ୍ୟାଚଗୁଡିକୁ ପରିଚାଳନା କରିଥିଲେ।

## ସୁନାବେଶରେ ଦର୍ଶନ ଦେଲେ ପାଟଣେଶ୍ୱରୀ

**ସମ୍ବଲପୁର,୨୧।୧୦(ବି.ଶଙ୍କର):** ସମ୍ବଲପୁର କମଳିବଜାରଠାରେ ପୂଜା ପାଉଥିବା ପାଟଣେଶ୍ୱରୀ ଦେବୀ ଶନିବାର ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ରୀତିନୀତି ଓ ପରମ୍ପରାରେ ପୂଜକମାନେ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଏହାପରେ ପାଟଣେଶ୍ୱରୀଙ୍କୁ ସ୍ୱର୍ଣ୍ଣ ଆଳଙ୍କାରରେ ସଜ୍ଜିତ କରାଯାଇଥିଲା। ସନ୍ଧ୍ୟା ୫ଟାରେ ଭକ୍ତଙ୍କ ଦର୍ଶନ ନିମନ୍ତେ ଦ୍ୱାର ଉନ୍ମୁକ୍ତ କରାଯାଇଥିଲା। ପୂଜକ ଦଧିବାମନ ପଣ୍ଡା, ରମେଶ ପୁରୋହିତ ଦେବୀଙ୍କ ବେଶ କରିଥିଲେ। ଶାରଦୀୟ ନବରାତ୍ରରେ ମନ୍ଦିର ଅଞ୍ଚଳକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଛି । ଘଣ୍ଟ ବାଦ୍ୟ ଓ ଶଙ୍ଖ ନାଦ ସହ ଦୁଲଦୁଲି ବାଦ୍ୟରେ ଅଞ୍ଚଳ ପ୍ରକମ୍ପିତ ହୋଇଛି। ଭକ୍ତମାନେ ଦେବୀ ପାଟଣେଶ୍ୱରୀଙ୍କ ସୁନାବେଶ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ମହାଳୟା ତିଥିରେ ଏହି ରୁପା ଖଚିତ ମେଢ଼ରେ ଦେବୀ ଉପବିଷ୍ଟ ହୋଇ ଧବଳମୁଖୀ ବେଶରେ ଦର୍ଶନ ଦେଇଥିଲେ।



# ସୁରକ୍ଷା ପରିଚାଳନା କ୍ଷେତ୍ରରେ ଏମ୍‌ସିଏଲ୍ ପୁରସ୍କୃତ

**ସମ୍ବଲପୁର,୨୧।୧୦(ବି.ଶଙ୍କର)**



ଏମ୍‌ସିଏଲ୍ ଅଧ୍ୟକ୍ଷ ଓମ୍ ପ୍ରକାଶ ସିଂ।

ସୁରକ୍ଷା ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍)କୁ ସମ୍ମାନଜନକ ଆପେକ୍ସ ଇଣ୍ଡିଆ ଭିଜନାରୀ ଲିଡର ଆୱାର୍ଡ-୨୦୨୩ ପ୍ରଦାନ କରାଯାଇଛି। କର୍ପୋରେଟ ବର୍ଗରେ କମ୍ପାନୀକୁ ସିଲଭର ଆୱାର୍ଡ ମିଳିଛି। ସେହିପରି କମ୍ପାନୀ କୁଲଦା ଓପନ କାଷ୍ଟ ପ୍ରୋଜେକ୍ଟ (ଓସିପି)କୁ ବ୍ୟକ୍ତିଗତ/ୟୁନିଟ୍ ବର୍ଗରେ ସ୍ୱର୍ଣ୍ଣ ପଦକ ପୁରସ୍କାର ପ୍ରଦାନ କରାଯାଇଛି। ଏ ନେଇ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ କହିଛନ୍ତି, ଏହି ପ୍ରଶଂସା ଓ ପୁରସ୍କାର ଟିମ୍ ଏମ୍‌ସିଏଲ୍ ପାଇଁ ଉତ୍ସାହ ଆଣିଦେଇଛି। କର୍ମକ୍ଷେତ୍ରରେ ସୁରକ୍ଷା ଅଭ୍ୟାସକୁ ଆଗକୁ ନେବାରେ ଆମର ସମସ୍ତ ସଦସ୍ୟଙ୍କ ସାମୂହିକ ତଥା ନିରନ୍ତର ଉଦ୍ୟମକୁ ନିଶ୍ଚିତ କରିଛି। ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଏମ୍‌ସିଏଲ୍ କେବଳ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରିନାହିଁ ବରଂ ଖଣି କ୍ଷେତ୍ର ମଧ୍ୟରେ ଉତ୍ପାଦନରେ ନୂତନ ଦିଗନ୍ତ ପ୍ରତିଷ୍ଠା କରିଛି ବୋଲି ସେ କହିଛନ୍ତି।

# ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ

## ୨ ଯୁବକ, ଜଣେ ମହିଳା ଗିରଫ

**ସମ୍ବଲପୁର,୨୧।୧୦(ବି.ଶଙ୍କର):** ସମ୍ବଲପୁର ଅବକାରୀ ଥାନା ପକ୍ଷରୁ ଶନିବାର ସହରର କଟରଧୁଆ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୬୦ ଲିଟର ଦେଶୀମଦ ଜବତ ସହ ୨ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ଓଡି୧୫କ୍ୟୁ-୮୩୩୫ ନମ୍ବର ବିଶିଷ୍ଟ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଯୋଗେନ୍ଦ୍ର ଓରାମ (୨୬) ଓ ରବିନ୍ଦ୍ର ଓରାମ(୨୮)। ସେହିପରି ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଭତରାଠାରେ ଚଢ଼ାଉ କରାଯାଇ ୧୫ ଲିଟର ଦେଶୀମଦ ଜବତ ସହ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ସୁକାନ୍ତି ଗୁରୁ।

# ଆହତ ଯୁବକଙ୍କ ଚିକିତ୍ସା ଖର୍ଚ୍ଚ ଦାବି

## ହାତୀ ଆକ୍ରମଣ ଘଟଣା

**କୁଚିଣ୍ଡା,୨୧।୧୦(ବିରଞ୍ଚି ଦର୍ଶୀ):** ଶୁକ୍ରବାର ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇ ବୁର୍ଲା ଭିମସାର ମେଡିକାଲରେ ଚିକିତ୍ସିତ ହେଉଥିବା ଶିଆଳିଦରହ ଗ୍ରାମର ପ୍ରମୋଦ କିଷାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବନବିଭାଗ ବହନ କରିବାକୁ ଦାବି ହୋଇଛି। ଏହି ମର୍ମରେ ଶିଆଳିଦରହ ଓ କାଲୋପଡା ଗ୍ରାମବାସୀ ଡିଏଫ୍‌ଓ, ରେଞ୍ଜର ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଶୁକ୍ରବାର ରେଞ୍ଜର ଲକ୍ଷ୍ମୀକାନ୍ତ ନାଏକଙ୍କ ସମେତ ବନକର୍ମଚାରୀ ଓ ଗ୍ରାମବାସୀ ହାତୀ ଘଉଡାଇବା ସମୟରେ ପ୍ରମୋଦ ହାତୀ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଥିଲେ। ରେଞ୍ଜର ଓ ବନ କର୍ମଚାରୀ ତାଙ୍କୁ ମେଡିକାଲ ନେବା ବ୍ୟବସ୍ଥା ନ କରି ଚାଲିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି,୧୫ରୁ୨୦ ଟିକିଆ ହାତୀପଲ ଏହି ଦୁଇ ଗ୍ରାମରେ ପାଚିଲା ଧାନ ଫସଲ ଖାଇ ନଷ୍ଟ କରୁଛନ୍ତି। ତେଣୁ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ସହ ଆହତ ପ୍ରମୋଦଙ୍କ ଚିକିତ୍ସା ଖର୍ଚ୍ଚ ବନବିଭାଗ ବହନ କରିବାକୁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ସୁବର୍ଣ୍ଣ ଜୟନ୍ତୀ ପାଇଁ ପଡିଆବାହାଲ ଚଳଚଞ୍ଚଳ

**ପଡିଆବାହାଲ, ୨୧।୧୦(ରାଧାମୋହନ ଷଡ଼ଙ୍ଗୀ):** ସମ୍ବଲପୁର ଜିଲା ବାହାମ ପଞ୍ଚାୟତର ପଡିଆବାହାଲଠାରେ ଏବର୍ଷ ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛି। ଏଥିପାଇଁ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଶୁକ୍ରବାର ସନ୍ଧ୍ୟାରେ ବିଲ୍ୱବରଣ କାର୍ଯ୍ୟକ୍ରମରୁ ଆରମ୍ଭ ହୋଇଛି ଦୁର୍ଗାପୂଜା। ପଣ୍ଡିତ ମହେଶ୍ୱର ନାୟକଙ୍କ ପୌରୋହିତ୍ୟରେ ସୁଧୀର କୁମାର ନାୟକ ଓ ସହଧର୍ମିଣୀ ସୁମିତା ନାୟକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶନିବାର ସକାଳେ କଳସ ଶୋଭାଯାତ୍ରା ସହ ବିଧି ମୁତାବକ ପୂଜାପର୍ବ ଆରମ୍ଭ ହୋଇଛି। ଶ୍ରୀମତୀ କାଦମ୍ବରୀ ଓ ଶ୍ରୀମତୀ ଗୌରୀମାଳାଙ୍କ ବାଦୀପାଲା ଦୁଇଦିନ ଧରି ବିଦଗ୍ଧ ଦର୍ଶକଙ୍କୁ ବିମୋହିତ କରିଛି । ରବିବାର ରାମଲୀଳା ସାଙ୍ଗକୁ ବହୁବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଅପରାହ୍ନ ୩ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଚାଲୁ ରହିବ। ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୂଜାନୀତି ଚାଲୁରହିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

# ଶହୀଦ ଚମ୍ପେଶ୍ୱରଙ୍କୁ ଶ୍ରଦ୍ଧାଞ୍ଜଳି

**ରେଢ଼ାଖୋଲ,୨୧।୧୦(ଅଚ୍ୟୁତାନନ୍ଦ ପୁରୋହିତ):** ପୋଲିସ ଶହୀଦ ସପ୍ତାହ ପାଳନ ଅବସରରେ ଶନିବାର ରେଢ଼ାଖୋଲ ପୋଲିସ ପକ୍ଷରୁ କଦଳିଗଡ ପଞ୍ଚାୟତ ଧଉରାଖମଣ ଗ୍ରାମର ଶହୀଦ ଚମ୍ପେଶ୍ୱରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏସ୍‌ଡିପିଓ ପ୍ରଶାନ୍ତ ମେହେର, ଏସ୍‌ଆଇ ଈଶ୍ୱର ନାୟକ ପ୍ରମୁଖ ଶହୀଦ ଚମ୍ପେଶ୍ୱରଙ୍କ ଘରକୁ ଯାଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ପିତା ସୁରଞ୍ଜ ମହାଖୁଡ, ମାତା ଲକ୍ଷ୍ମୀ ମହାକୁଡଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ପରେ କଦଳିଗଡ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏସ୍‌ଡିପିଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲାପରିଷଦ ସଭ୍ୟ ଶରତ ପ୍ରଧାନ, କଦଳିଗଡ କଲେଜ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ହୋତା, ଶହୀଦ ସ୍ମୃତିକମିଟି ସଭାପତି ଧର୍ମେନ୍ଦ୍ର କହଁର, ସମ୍ପାଦକ ଅଶୋକ ମହାକୁଡ ପ୍ରମୁଖ ଯୋଗଦେଇ ଶହୀଦ ଚମ୍ପେଶ୍ୱରଙ୍କ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ, ଚମ୍ପେଶ୍ୱର ୨୦୧୮ ସେପ୍ଟେମ୍ବର ୭ରେ ମଣିପୁର ରାଜ୍ୟର କାନ୍ଦେର ଜିଲା ଯୌପିଠାରେ ଆସାମ ରାଇଫଲ୍‌ସରେ କାର୍ଯ୍ୟରତ ଥିବାବେଳେ ପୁପୁଲ୍ସ ଲିବରେସନ ଆର୍ମୀର ଆତଙ୍କବାଦୀ ସଂଗଠନ ସହ ଗୁଳି ବିନିମୟ ବେଳେ ଶହୀଦ ହୋଇଥିଲେ।

# ଶାରଦୀୟ ଦୁର୍ଗାପୂଜା ପାଇଁ କୁଚିଣ୍ଡା ଚଳଚଞ୍ଚଳ

**କୁଚିଣ୍ଡା,୨୧।୧୦(ବିରଞ୍ଚି ଦର୍ଶୀ):** ଜଗଜ୍ଜନନୀ ମା'ଦୁର୍ଗାଙ୍କ ଧରାବତରଣ ପରେ କୁଚିଣ୍ଡାରେ ପୂଜା ମଣ୍ଡପଗୁଡିକ ଚଳଚଞ୍ଚଳ ହୋଇଉଠିଛି। ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ବର୍ଷକୁ ଥରେ ମା'ଙ୍କ ଆଗମନରେ ଭକ୍ତଙ୍କ ମନରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥାଏ। ୯୬ତମ ଦୁର୍ଗାପୂଜାକୁ ନେଇ କମିଟି କର୍ମକର୍ତ୍ତା ବେଶ ଉତ୍ସାହିତ ଅଛନ୍ତି। ରଙ୍ଗବେରଙ୍ଗ ଆଲୋକ ସଜ୍ଜାରେ ସମଗ୍ର ସହର ଝଲସି ଉଠୁଛି। ଶୁକ୍ରବାର ବିଲ୍ୱବରଣ ଓ ଆମନ୍ତ୍ରଣାଧିବାସ ହୋଇ ଶନିବାର ଘଟଆନୟନ, ମହାସ୍ନାନ, ନବପତ୍ରିକା ପ୍ରବେଶ ସହ ସପ୍ତମୀପୂଜା ଅନୁଷ୍ଠିତ ହୋଇଛି। ପୋଥିପୂଜା, ଚଣ୍ଡୀପାଠ ସାଙ୍ଗକୁ ଭାଇଜିଉନ୍ତିଆ ବ୍ରତ ପୂଜା ମଧ୍ୟ ସମାପନ ହୋଇଛି। ବ୍ରତଧାରୀମାନେ ଭାଇମାନଙ୍କ ଶୁଭ ମନାସି ମା'ଙ୍କଠାରେ ପୂଜାର୍ଚ୍ଚନା କରିଛନ୍ତି। ଏଥିପାଇଁ ମନ୍ଦିରଛକ, ପଞ୍ଚମୁଖୀ ଛକ ଓ ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା ମଣ୍ଡପରେ ପ୍ରବଳ ଭିଡ ଲାଗିରହିଛି। ଦୁର୍ଗାପୂଜା ଓ ଦଶହରା ପାଇଁ ୨/୩ ଦିନ ହେବ ଦୋକାନୀମାନେ ପସରା ମେଲି ସାରିଲେଣି।



ମନ୍ଦିର ଛକ ଦୁର୍ଗାପୂଜା ତୋରଣ।

## ୩୩ବର୍ଷରେ ଢୋଲମାନ୍ଦଲ ଦୁର୍ଗାପୂଜା

ଲାଠୋର,(ଭୁବନେଶ୍ୱର ବାରିକ): ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଢୋଲମାନ୍ଦଲ ଗ୍ରାମରେ ଶାରଦୀୟ ଦୁର୍ଗାପୂଜା ଚଳିତ ବର୍ଷ ୩୩ପର୍ଷରେ ପହଞ୍ଚିଛି। କମିଟି ସଭାପତି ଚନ୍ଦ୍ର ଧରୁଆଙ୍କ ନେତୃତ୍ୱରେ ଆୟୋଜିତ ପୂଜାରେ କର୍ତ୍ତାଭାବେ ଉଗ୍ରେସନ ମାଝି ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ବଳରାମ ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି। ପ୍ରତିଦିନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅବସରରେ ଉପସଭାପତି ମଧୁସୂଦନ ବନଛୋର, ସମ୍ପାଦକ ପରମାନନ୍ଦ ମାଝି ଏବଂ ସଦସ୍ୟ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

## ସଂକ୍ଷେପରେ

### ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟିଲେ ଯୁବ ଗାଳ୍ପିକ ଡିଲେଶ୍ୱର ରଣା

ଭବାନୀପାଟଣା,୨୧।୧୦(ଉତ୍ତମ କୁମାର ଦାଶ)

ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ କାର୍ଯ୍ୟକାଳ ସରିବା ପରେ ନୂତନ ରାଜ୍ୟପାଳ ଭାବେ ନିଯୁକ୍ତ ରଘୁବର ଦାସଙ୍କୁ ଜାମସେଦପୁରସ୍ଥିତ ବାସଭବନରେ ଭେଟିଛନ୍ତି କଳାହାଣ୍ଡିର ଯୁବ ଗାଳ୍ପିକ ଡିଲେଶ୍ୱର ରଣା। ଶନିବାର ମଧ୍ୟାହ୍ନରେ ନୂତନ ରାଜ୍ୟପାଳ ଦାସଙ୍କୁ ଭେଟିବା ସହ ସେ ଅଭିନନ୍ଦନ ଜଣାଇଛନ୍ତି। ଗାଳ୍ପିକ ରଣା ତାଙ୍କୁ ଗଳ୍ପ ସଂକଳନ 'ସେଁର୍‌ା' ପ୍ରଦାନ କରିଛନ୍ତି। ଏହା ସହ ଓଡ଼ିଶାର ସାଂସ୍କୃତିକ ଓ ସାହିତ୍ୟିକ ଦିଗରେ ଯୁବପିଢିଙ୍କୁ ଉତ୍ସାହିତ କରିବାକୁ ସେ ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ରାଜ୍ୟପାଳଙ୍କ ସହ ସାକ୍ଷାତ ସମୟରେ ତାଙ୍କ ସହ ଜାମଶେଦପୁରର ବିଶିଷ୍ଟ ଶିକ୍ଷାବିତ ଡ. ତ୍ରିପୁରା ଝା, ଅଧ୍ୟାପକ ତନ୍ମୟ ସିଂ ସୋଲାଙ୍କି, ନୀଳମଣି ସାହୁ, ହରିୟାଣାର ପ୍ରବୀଣ କୁମାର, ପଶ୍ଚିମବଙ୍ଗର ସୁବାସ ସିଂ ରଏ ପ୍ରମୁଖ ଉପସ୍ଥିତ ଥିଲେ।

### ଅର୍ଥନୀତି ବିଭାଗ ଅଧ୍ୟାପକଙ୍କ ପରଲୋକ

ତୁଣ୍ଡଲା,୨୧।୧୦(ଫିରୋଜ କୁମାର ଦାଶ)



କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ନିରଞ୍ଜନ ମାଝି(୫୨)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ୧୯୯୯ ମସିହାରୁ ଉକ୍ତ ମହାବିଦ୍ୟାଳୟରେ ଶିକ୍ଷାଦାନ କରିଆସୁଥିଲେ। ହଠାତ ତାଙ୍କ ଦେହ ଖରାପ ହେବାରୁ ତାଙ୍କୁ ବିଶାଖାପାଟଣା ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପ୍ରାଣବାୟୁ ଚାଲିଯାଇଥିଲା। ପାଖରେ ତାଙ୍କ ସ୍ତ୍ରୀ ଭୂମିସୁତା ମାଝି ଓ ପୁଅ ଦେବାଶିଷ ମାଝି ଥିଲେ। ପରେ ମୃତ ଶରୀରକୁ ନିଜ ଗ୍ରାମ କେସିଙ୍ଗା ବ୍ଲକ କନ୍ତେଶିରକୁ ଆଣି ତାଙ୍କ ଶେଷକୃତ୍ୟ କରାଯାଇଥିଲା। ପୁଅ ଦେବାଶିଷ ମାଝି ମୁଖାଗ୍ନି ଦେଇଥିଲେ। ବର୍ତ୍ତମାନ ତାଙ୍କ ପରଲୋକ ଖବର ପାଇ ସ୍ଥାନୀୟ ଅଞ୍ଚଳ ତଥା ମହାବିଦ୍ୟାଳୟର ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ସମିତି ସଭ୍ୟଙ୍କ ପରଲୋକ

ସଇଁତଳା,୨୧।୧୦(ରାଖାଲ ପ୍ରସାଦ ଶତପଥି)



ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କୁଇକେଡ଼ା ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଚନ୍ଦୁଲାଲ ଭୋଇଙ୍କ ଶନିବାର ସକାଳେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। ସକାଳୁ ଦାନ୍ତ ଘଷୁଥିବା ବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜନୀତିକୁ ଆସିବା ପୂର୍ବରୁ ଭୋଇ ଗୋଳାବାରୁଦ କାରଖାନା ସୁରକ୍ଷା ବିଭାଗରେ କାମ କରୁଥିଲେ। ପରେ କାରଖାନା ପରିଚାଳନା କମିଟି ସଦସ୍ୟ ଭାବରେ ମନୋନୀତ ହୋଇଥିଲେ। ଅବସର ପରେ କୁଇକେଡ଼ା ସମିତି ସଭ୍ୟ ଭାବେ ବିଜୟୀ ହୋଇଥିଲେ। ଜଣେ ସଂକୀର୍ତ୍ତନ୍ୟ ଗୁରୁ ଭାବେ ସେ ବେଶ ଜଣାଶୁଣା ଥିଲେ। ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ସୁମନ୍ତ ଭୋଇ ମୁଖାଗ୍ନି ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝି, ସମିତି ସଭ୍ୟ ବାଞ୍ଛାନିଧି ବୁଡ଼େକ, ନବୀନ ରଣା, ସରପଞ୍ଚ ଯୁଗଲାଲ ଭୋଇ, ଭାରତୀୟ ପ୍ରତିରକ୍ଷା ମଜଦୁର ସଂଘର ହରିହର ସିଂ, ଅରୁଣ ପଟେଲ, ବି.କେ. ସିଂଦେଓ ପ୍ରମୁଖ ଶବାଧାରରେ ଯୋଗଦେଇଥିଲେ। ତାଙ୍କ ମୃତ୍ୟୁରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମୋନିକା ସିଂ ଭୋଇ, ଗୋଳାବାରୁଦ କାରଖାନା ଶ୍ରମିକ ସଂଗଠନ କର୍ମକର୍ତ୍ତାମାନେ ଶୋକ ପ୍ରକାଶ କରିଛନ୍ତି।

# ଚାଷଜମିକୁ ଚରିଗଲେଣି ରୋଗପୋକ

କୋକସରା,୨୧।୧୦(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)



ଚକଡା ରୋଗ ଲାଗିଥିବା ଚାଷୀମାନେ ଦେଖାଉଛନ୍ତି।

ଅନାବୃଷ୍ଟି କାରଣରୁ କଳାହାଣ୍ଡି ଜିଲା କୋକସରା ବ୍ଲକର ଅନେକ ପଞ୍ଚାୟତରେ ସମ୍ଭାବ୍ୟ ମରୁଡି ପରିସ୍ଥିତି ଉପୁଜିଥିବାବେଳେ ଚକଡ଼ା ରୋଗପୋକ ଏବେ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ରାତିକ ମଧ୍ୟରେ ହେକ୍ଟର ହେକ୍ଟର ଚାଷ ନଷ୍ଟ କରିଦେଉଛି ଚକଡ଼ା କୀଟ। ଏହାର ମୁକାବିଲା ପାଇଁ ଯେତେ କୀଟନାଶକ ସିଞ୍ଚନ କଲେ ମଧ ଆୟତ୍ତରେ ଆସୁ ନ ଥିବା ଅଭିଯୋଗ କରିଛନ୍ତି ଚାଷୀ। କୋକସରା ବ୍ଲକର ରେଙ୍ଗାଲପାଲି ପଞ୍ଚାୟତରେ ବ୍ୟାପକ ଭାବେ ଚକଡ଼ାର ପ୍ରାଦୁର୍ଭାବ ଦେଖିବାକୁ ମିଳିଥିବାବେଳେ କୋକସରା, କାଉଡୋଳା, ମାଝୀଗୁଡା, କାଶିବାହାଲ, କନ୍ଦାବୁଟୁରା, ମୋଟେର, ଲଡୁଗାଁ, ଗମ୍ଭାରୀଗୁଡା, ଡ଼ହଗାଁ, ଡାଲଗୁମା, ମୂଷାପାଲି ପଞ୍ଚାୟତରେ ମଧ ଚକଡ଼ା ରୋଗପୋକ ବଂଶ ବିସ୍ତାର କରିବାରେ ଲାଗିଛି। ପ୍ରତି ପଞ୍ଚାୟତରେ ନିୟୋଜିତ କୃଷି କର୍ମଚାରୀଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଚାଷୀ। ଏପଟେ ବିଭିନ୍ନ ବ୍ୟାଙ୍କ, ଫାଇନାନ୍ସ ମହାଜନି ରଣ ଆଣି ଚାଷ କରିଛନ୍ତି ଚାଷୀ। କଷ୍ଟ ଉପାର୍ଜିତ ଚାଷ ଆଖି ସାମ୍ନାରେ ନଷ୍ଟ ହେଉଥିବାବେଳେ ଚାଷୀ କଣ କରିବେ ସେ ନେଇ ଚିନ୍ତାରେ ପଡିଛନ୍ତି। ରେଙ୍ଗାଲପାଲି ଗ୍ରାମର ଚାଷୀ ନାରାୟଣ ପଟ୍ଟନାୟକ, ଦ୍ୱିତୀକୃଷ୍ଣ ନାଏକ, ମଦନ ନାଏକ, ଯଯାତି ନାଏକ, ପିତାମ୍ବର ପଟ୍ଟନାୟକ, ଗୋବିନ୍ଦ ମାଝି, ବିରଞ୍ଚି ପଟ୍ଟନାୟକ, ପ୍ରସନ୍ନ ନାଏକ, ଧନୁର୍ଦ୍ଧର ନାଏକ ପ୍ରମୁଖ ଚାଷୀଙ୍କ ଚାଷରେ ଚକଡ଼ା ଲାଗିଥିବା ଅଭିଯୋଗ କରିଛନ୍ତି। ଚାଷୀଙ୍କ ଅଭିଯୋଗ ପରେ କୃଷକ କଲ୍ୟାଣ ଆବାହକ ଧର୍ମଗଡ଼ ଉପଖଣ୍ଡ ଲକ୍ଷ୍ମୀକାନ୍ତ ବାଗ ମଧ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କୃଷି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇବା ପାଇଁ କହିଛନ୍ତି। ଚାଷୀଙ୍କ ଅଭିଯୋଗକୁ ନେଇ କୋକସରା ବ୍ଲକ କୃଷି ଅଧିକାରୀଙ୍କ ପ୍ରତିକ୍ରିୟା ନେବାରୁ ଚକଡ଼ା ଲାଗିଥିବା ଘଟଣାକୁ ସ୍ୱୀକାର କରିବା ସହ ବ୍ଲକର ୧୬୭ ହେକ୍ଟରରେ ଚକଡ଼ା ରୋଗ ପୋକ ଲାଗିଥିବା ସୂଚନା ରହିଛି ଓ ବିଭାଗ ପକ୍ଷରୁ ଚକଡ଼ା ନିୟନ୍ତ୍ରଣ ପାଇଁ ଚାଷୀଙ୍କୁ ସଚେତନ କରାଯାଉଛି ବୋଲି କହିଛନ୍ତି। ତେବେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

**ଚିନ୍ତାରେ କୋକସରା ବ୍ଲକର ଚାଷୀ**

# ମା' ପାଟଖଣ୍ଡାଙ୍କ ପ୍ରସିଦ୍ଧ ଛତର ଯାତ୍ରା

ମଦନପୁର,୨୧।୧୦(ସନ୍ତୋଷ କୁମାର ଦଣ୍ଡସେନା)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରର ଆରାଧ୍ୟ ଦେବୀ ମା' ପାଟଖଣ୍ଡାଙ୍କ ଛତର ଯାତ୍ରା ସ୍ଥାନୀୟ ପାଟଖଣ୍ଡା ମନ୍ଦିରରେ ଶନିବାର ପାଳିତ ହୋଇଯାଇଛି। ଆଶ୍ୱିନ ମାସ ଶୁକ୍ଲ ପକ୍ଷ ପ୍ରତିପଦାରୁ ମନ୍ଦିରରେ ପୂଜା ଆରମ୍ଭ ହୋଇ ସପ୍ତମୀ ତିଥିରେ ଛତର ଯାତ୍ରା ହୋଇଥାଏ। ସାତଦିନ ସାତରାତି ମନ୍ଦିରରେ ଅଖଣ୍ଡ ଦୀପ ଜଳାଯାଇ ପୂଜାର୍ଚ୍ଚନା ହୋଇଥାଏ। ମା' ପାଟଖଣ୍ଡାଙ୍କ ଛତରକୁ ଶତାଧିକ ଭକ୍ତଙ୍କ ଗହଣରେ ନିକଟସ୍ଥ ଜଙ୍ଗଲରେ ଥିବା ଏକ ପୀଠସ୍ଥଳୀ (ନେଉର)କୁ ନିଆଯାଇ ଦିଶାରୀ ନିଜେ ଛତର ଧରି ପୂଜା କରିଥାଆନ୍ତି। ଲୋକକଥା ଅନୁସାରେ ବହୁପୂର୍ବରୁ ମା' ପାଟଖଣ୍ଡା ଓ ପାର୍ଶ୍ୱଦେବୀ ଖେମୁଣ୍ଡି ରାଜ୍ୟରୁ ଆସିଥିଲେ। ମା'ଙ୍କର ପୂଜା ବାଲିଗୁଡା, ମଦନପୁର ଓ ବଲାଙ୍ଗିର ଜିଲାର ଜରାସିଂହାଠାରେ ହୋଇଥାଏ। ଛତର ଯାତ୍ରାରେ ପାଟଖଣ୍ଡା ଦିଆରୀ ମନୁ ଦିଆରି ଛତର ଧରିଥିବାବେଳେ ବାହାଧରନିଆ ଭାବେ ଭୋଳାନାଥ ସିଂହ, ଶଶିକାନ୍ତ ଚିନ୍ଦା, ଭାଗିରଥୀ ମାଝୀ ଓ ସୁବଳ ଦଣ୍ଡସେନା ସାହାଯ୍ୟ କରିଥିଲେ। ମ.ରାମପୁର ରାଜ ପରିବାରରୁ ମହେନ୍ଦ୍ରାଦିତ୍ୟ ସିଂ ଦେଓ, ନୀଳମାଧବ ସିଂଦେଓ, ପୃଥୀରାଜ ସିଂଦେଓ ଯାତ୍ରାରେ ଉପସ୍ଥିତ ଥିଲେ। ମୁଖ୍ୟ ତୁଲିଆ ଭାବେ ପାର୍ଥ ମହାନନ୍ଦ ଥିବାବେଳେ ପୂର୍ବତନ ସରପଞ୍ଚ ଜୟରାମ ମହାନନ୍ଦ, ଲକ୍ଷ୍ୟ ମହାନନ୍ଦ ଓ ନାଏବ ସରପଞ୍ଚ ବିରାଟ ମୁଣ୍ଡଛିନାଙ୍କ ସହ ଗଡଜାତ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।




ମଦନପୁରର ଆରାଧ୍ୟ ଦେବୀ ମା' ପାଟଖଣ୍ଡାଙ୍କ ଛତର ଯାତ୍ରା।

# ଦୁର୍ଗାପୂଜା ଲାଗି ଭକ୍ତିମୟ ପରିବେଶ



ବୁର୍ଡା ଦୁର୍ଗାପୂଜା ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି।

ଲୋଇସିଂହା,୨୧।୧୦(ସୁଶାନ୍ତ ବାରିକ)

ଶନିବାର ଆଶ୍ୱିନ ଶୁକ୍ଲପକ୍ଷ ସପ୍ତମୀ ତିଥିରୁ ବଲାଙ୍ଗୀର ଜିଲା ଲୋଇସିଂହା, ବୁର୍ଡା, ଯୋଗୀସର୍ଡା, ବାଦିବାହାଲ ଆଦି ଗ୍ରାମ ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ମଣ୍ଡପରେ ସପ୍ତମୀ ବିହିତ ପୂଜାର୍ଚ୍ଚନା, ଚଣ୍ଡିପାଠ, ହୋମ, ଆଳତୀ କରାଯାଇଛି। ମଣ୍ଡପରେ ପଣ୍ଡିତଙ୍କ ମନ୍ତ୍ରପାଠ ଓ ଦୁଲୁକୁ ଥିବା ପଞ୍ଚବାଦ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଆକର୍ଷଣୀୟ ମଣ୍ଡପ ସାଜସଜ୍ଜା ଓ ଚିତ୍ତାକର୍ଷକ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଭକ୍ତଙ୍କୁ ଆକର୍ଷିତ କରୁଛି।

୫୩ତମ ଲୋଇସିଂହା ସାର୍ବଜନୀନ ଦୁର୍ଗାପୂଜାରେ ଯଶୋବନ୍ତ ପାଢିଙ୍କ ସମେତ ୨ ଯୋଡା ଦମ୍ପତି କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ବୁର୍ଡାର ୨୬ ତମ ପୂଜାରେ ହେମସାଗର ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଯୋଗୀସର୍ଡା ଶୈବପୀଠ ପ୍ରାଙ୍ଗଣରେ ଆୟୋଜିତ ୧୧ତମ ପୂଜାରେ ସଚ୍ଚିଦାନନ୍ଦ ଷଡଙ୍ଗୀ ଏବଂ ବାଦିବାହଲ ବେହେରାପଡା ଷଷ୍ଠବର୍ଷ ତ୍ରିଦିନାତ୍ମକ ସାର୍ବଜୀନ ଦୁର୍ଗାପୂଜାରେ ମିଥୁନ ବଗର୍ତ୍ତି କର୍ତ୍ତା ଦାୟିତ୍ୱ ସମ୍ପାଦନ କରୁଛନ୍ତି। ପୂଜା ଅବସରରେ ବାଦିବାହଲରେ ଦୁଇଦିନ ହେଲା ରାବଣ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଦୁର୍ଗାପୂଜା ପାଇଁ ଲାଠୋର ଚଳଚଞ୍ଚଳ

ଲାଠୋର,୨୧।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଶାରଦୀୟ ଦୁର୍ଗାପୂଜା ଚଳିତ ବର୍ଷ ୭୦ ବର୍ଷରେ ପଦାର୍ପଣ କରିଛି। ପୂଜା କମିଟି ସଭାପତି ଉମେଶ ଚନ୍ଦ୍ର ଭଇଁଷାଲ ଓ କମିଟି ସଦସ୍ୟ ପୂଜାକୁ ଆକର୍ଷଣୀୟ କରିବା କାମରେ ଲାଗିଛନ୍ତି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପୂଜାରେ ପୂଜକ ଭାବେ ଚିତ୍ତରଞ୍ଜନ ମହାପାତ୍ର ଦାୟିତ୍ୱ ନେଇଛନ୍ତି। କର୍ତ୍ତାଭାବେ ଗ୍ରାମର ସୁଧାଂଶୁ ଖମାରୀ ଦାୟିତ୍ୱ ବହନ କରୁଛନ୍ତି। ଚଣ୍ଡିପାଟ ପଣ୍ଡିତ ଗିରିଶ ଚନ୍ଦ୍ର ପଣ୍ଡା କରୁଛନ୍ତି। ପୂଜା ଉପଲେକ୍ଷ ରାବଣ ରାଜ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରତିଦିନ ସୁରଝଙ୍କାର ଏବଂ ଦଣ୍ଡନୃତ୍ୟର ଆୟୋଜନ ସାଙ୍ଗକୁ ମୀନା ବଜାର ଓ ଦୋଳିର ଆୟୋଜନ କରାଯାଉଛି। କମିଟି ସମ୍ପାଦକ ଶ୍ରବଣ ଅଗ୍ରୱାଲ, ଲାଏବାନ ସୁନା, ବାଲେଶ୍ୱର ମେହେର, ଭଗବାନ ସେଠ, ହରି ସେଠ ଓ ସଦସ୍ୟ ସହଯୋଗ କରୁଛନ୍ତି।

## ଅଧିବାସ ସହ ଆରମ୍ଭ ହେଲା ଶାରଦୀୟ ଦୁର୍ଗାପୂଜା

କୋକସରା,୨୧।୧୦(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାରେ ଶୁକ୍ରବାର ଅପରାହ୍ନରେ ଅଧିବାସ ସହ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ସକାଳେ ଦୁର୍ଗାପୂଜା ପାଇଁ ବାହାରିଥିଲା କଳସ ଯାତ୍ରା। ଦୁର୍ଗାପୂଜା କମିଟି ପକ୍ଷରୁ ପୂଜାକର୍ତ୍ତା କିଶୋର ଚନ୍ଦ୍ର ପ୍ରଧାନୀ ଓ ସାରଙ୍ଗିନୀ ପ୍ରଧାନୀଙ୍କୁ ବାଟବରଣ କରିବା ପରେ ଭକ୍ତଙ୍କ ଗହଣରେ ନଗର ପରିକ୍ରମା କରି ପୂଜାମଣ୍ଡପରେ ପହଞ୍ଚିଥିଲେ। ଶନିବାର ସକାଳୁ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ଆରମ୍ଭ ହେବ। ଚଳିତବର୍ଷ ଆକର୍ଷଣୀୟ ସାଜସଜ୍ଜା ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି ବୋଲି ପୂଜା କମିଟି ସଭାପତି ତ୍ରିଭୁବନ ନାଏକ, ସମ୍ପାଦକ ଅଧୁରାଜିତ ନାଏକ ପ୍ରମୁଖ ସୂଚନା ଦେଇଛନ୍ତି।



ଦୁର୍ଗାପୂଜା ପାଇଁ ବାହାରିଥିବା କଳସ ଯାତ୍ରା।

# ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

ସଇଁତଳା,୨୧।୧୦(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ କୁଆଁରଗାଁ ଠେଲକୋପଡ଼ାରେ ଜଣେ ବିବାହିତ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ବିମ୍ବାଧର କଲତାଙ୍କ ସ୍ତ୍ରୀ ମାମି କଲତା। ମାମିଙ୍କ ଶାଶୁଘରେ ନିର୍ଯାତନା ଦେଇ ମାରି ଦିଆଯାଇଥିବା ତାଙ୍କ ବାପଘର ଲୋକେ ସଇଁତଳା ଥାନାରେ ଅଭିଯୋଗ କରିଛନ୍ତି। ବିମ୍ବାଧରଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ମାମିଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ୧୦ ବର୍ଷ ତଳେ ବିବାହ କରିଥିବା ମାମିଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଗତ ମାର୍ଚ୍ଚମାସରେ ମାମି ଘରୋଇ କଳହ ଯୋଗୁଁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଯୌତୁକକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ପରିବାର ଲୋକେ ଓ ମଧ୍ୟସ୍ଥିଙ୍କ ଦ୍ୱାରା ବହୁବାର ଏହାର ସମାଧାନ କରାଯାଇଥିବା ଝିଅ ବାପଘର ଲୋକେ କହିଛନ୍ତି। ଏହାକୁ ସନ୍ଦେହ କରି ଝିଅର ବାପଘର ଲୋକେ ମାମିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ଏମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ନୂଆପଡା,୨୧।୧୦ (ମକାରୁ ବେମାଲ)

ନୂଆପଡା ଜିଲା ବୋଡେନ ଠାରେ ନେହେରୁ ଯୁବ କେନ୍ଦ୍ର ତରଫରୁ ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ ମେରି ମାଟି ମେରି ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଜାତୀୟ ଯୁବ ସ୍ୱେଚ୍ଛାସେବୀ ଭଞ୍ଜ କିଶୋର ନାଏକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ସବଇନିସପେକ୍ଟର ଜିତୁ ମହାନନ୍ଦ ମୁଖ୍ୟ ଅତିଥି, ବୋଡେନ ପୋଷ୍ଟମାଷ୍ଟର ସିତାରାମ ସାହୁ, ବୋଡେନ ଏବିଡିଓ ନେପାଳ ଚନ୍ଦ୍ର ଦାସ, ଏବିଇଓ ଦିଲୀପ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବୋଡେନ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଅଧ୍ୟାପକ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଶପଥପାଠ, ବସୁଧା ବନ୍ଦନ,ବୀରଙ୍କୁ ସମ୍ମାନ ଦେଇ ବ୍ଲକର ପ୍ରତ୍ୟେକ ପଞ୍ଚାୟତ ଓ ଗାଁରୁ ସଂଗ୍ରହ କରାଯାଇଥିବା ମାଟି କଳସକୁ ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ଅଞ୍ଜଳି ଶବର ଓ ଭଞ୍ଜ କିଶୋର ନାଏକଙ୍କ ହାତରେ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୁ ପଟ୍ଟାନାୟକ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଏନଏସଏସ ସ୍ୱେଚ୍ଛାସେବୀ, ଏନସିସି, ରେଡକ୍ରସ,ସ୍କାଉଟ ଓ ଗାଇଡ, ଯୁବ ଅନୁଷ୍ଠାନର ଯୁବକମାନେ ସାମିଲ ହୋଇଥିଲେ।



ଶପଥ ପାଠ କରାଯାଉଛି।

# ଅସହିଷ୍ଣୁତା, ଘୃଣା ରାଜନୀତି ଦେଶ ପାଇଁ ବିପଦ

ବଲାଙ୍ଗୀର,୨୧।୧୦(ବୀରେନ୍ଦ୍ର ଝାଙ୍କର)

ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାଭିମାନ ପରିବାର ପକ୍ଷରୁ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆ ମଞ୍ଚରେ ଶୁକ୍ରବାର ରାତିରେ ନୂଆଁଖାଇ ଭେଟ୍‌ଘାଟ୍ ଏବଂ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସମ୍ପାଦକ ରିଙ୍କୁନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟବକ୍ତାଭାବେ ଯୁବନେତା ତଥା ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର, ସମାଜସେବୀ ଡାକ୍ତର ଶଙ୍କର ରାମଚନ୍ଦାନୀ, ସିନେ ଅଭିନେତା ରତନ ମେହେର, ଯୁବ ସଙ୍ଗଠନ ଆକବର ଖାନ, ଟୁନା ମିଶ୍ର, ଜିତୁ ମିଶ୍ର, ରମାକାନ୍ତ ମେହେର ମଞ୍ଚାସୀନ ଥିଲେ।

ମୁଖ୍ୟବକ୍ତା ସମରେନ୍ଦ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସରକାରୀ କଳ, ପ୍ରଶାସନିକ ବ୍ୟବସ୍ଥାରେ ଦୁର୍ବଳତା ଦେଖାଦେଲେ ସାମାଜିକ ସଙ୍ଗଠନ ଗୁଡିକ ସକ୍ରିୟ ହୋଇଉଠନ୍ତି। ଏହାହିଁ ହେଉଛି ସାମାଜିକ ସନ୍ତୁଳନର ପ୍ରାକୃତିକ ନିୟମ। ଏଦିଗରେ ଯୁବବର୍ଗ ଏବଂ ସମାଜର ସଚେତନ ବର୍ଗ ଏଭଳି ଅବ୍ୟବସ୍ଥା ବିରୋଧରେ ସଙ୍ଗଠିତ ହୋଇଉଠନ୍ତି। ସମ୍ପ୍ରତି ଦେଶରେ ବୃଦ୍ଧ ପାଉଥିବା ଅସହିଷ୍ଣୁତା ଓ ଘୃଣା ରାଜନୀତି ଯୋଗୁଁ ଦେଶ ବହୁ ବଦନାମ ମୁଣ୍ଡେଇଲାଣି। ଏପରି ରାଜନୀତିକୁ ଯୁବ ସମାଜ ପ୍ରତ୍ୟାଖାନ କରିବା ଉଚିତ୍ ଏବଂ ଲୋକଙ୍କୁ ଏଦିଗରେ ସଚେତନ କଲେ ଗଣତନ୍ତ୍ର ସମୃଦ୍ଧ ହେବ ବୋଲି ସେ କହିଥିଲେ। ମୁଖ୍ୟଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ସ୍ୱାଭିମାନ ପରିବାରର ମଞ୍ଚଳରେ ଅନେକ ରାଜନୈତିକ ଦଳର ପ୍ରତିନିଧି, ସମାଜସେବୀ, ସାମାଜିକ ସଙ୍ଗଠନ ପ୍ରତିନିଧି ମଞ୍ଚାସୀନ ହୋଇଛନ୍ତି। ନୂଆଁଖାଇର ମୂଳ ବାର୍ତ୍ତା ହେଉଛି ଅସୂୟା, ଅସହିଷ୍ଣୁତା ଏବଂ ପରସ୍ପରର ମତଭେଦ ଭୁଲି ଏକାକାର ହେବା ଏବଂ ଭାଇଚାରା ପ୍ରତିଷ୍ଠା କରିବା। ସ୍ୱାଭିମାନ ପରିବାରର ନୂଆଁଖାଇ ଭେଟଘାଟରୁ ବିଭିନ୍ନତା ଭିତରେ ଏକତା ପ୍ରତିଷ୍ଠା ହୋଇଛି ବୋଲି ସେ କହିଥିଲେ। କଣ୍ଟାବାଞ୍ଜି ବିଧାୟକ ସାଲୁଜା ପରସ୍ପର ଭିତରେ ସହଯୋଗ ଏବଂ ସହାବସ୍ଥାନ ପ୍ରତିଷ୍ଠା ହେଲେ ଆମେ ସବୁ ଦିଗରେ ସଫଳ ହେବା ବୋଲି କହିଥିଲେ। ଲୋଇସିଂହା ବିଧାୟକ ଡ. ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ଯୁବବର୍ଗଙ୍କ ଏଭଳି ଉଦ୍ୟମ ଆମକୁ ନିହାତି ରୂପେ ସଫଳ କରିବ ବୋଲି କହିଥିଲେ। ସଭାରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଡା ରାମଚନ୍ଦାନୀଙ୍କ ସହ ଅନ୍ୟ ପ୍ରତିଭାଧର ଏବଂ ସାମାଜିକ ସଙ୍ଗଠନ ପ୍ରତିନିଧିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ଦଳ ମାନେ ସମ୍ବଲପୁରୀ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରି ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଉତ୍କର୍ଷତାର ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ୱାଭିମାନ ପରିବାର ସଦସ୍ୟ ସଞ୍ଜୀବ ସାହୁ, ଯୋଗେଶ ସାହୁ, ଆଶିଷ ଶତପଥି, ସୁବାସ ମଟାରୀ, ବାଳଗୋପାଳ ମିଶ୍ର, ଜ୍ୟୋତି ପଟେଲ, ସୌରଭ ବିଶ୍ୱାଳ ପରିଚାଳନା କରିଥିଲେ। ଶେଷରେ ସଙ୍ଗଠନ ସଭାପତି ରମ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

**ସ୍ୱାଭିମାନ ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ**



ନିଗମାନନ୍ଦ ବିହାର



ନାଏକ ପଡ଼ା



ସରକାରୀ ବସ୍‌ଷ୍ଟାଣ୍ଡ



ଭଜନାଶ୍ରମ

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଧରାବତରଣ ହୋଇଛି । ସବୁଆଡେ ଉତ୍ସବର ମାହୋଲ । ପୂଜା ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ରଙ୍ଗବେରଙ୍ଗର ତୋରଣ ଝଲସୁଛି । ମନ୍ତ୍ରଧ୍ୱନିରେ ଗଗନପବନ ପ୍ରକମ୍ପିତ ହେଉଛି । ଶନିବାର ମହାସପ୍ତମୀ ପୂଜା ସରିଛି । ଆଜି ମହାଷ୍ଟମୀ । ଏହି କ୍ରମରେ ବରଗଡ଼ ସହରର ବିଭିନ୍ନ ମଣ୍ଡପରେ ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରାଯାଉଛି ।



ଗୋଶାଳା



ଗୌରପଡ଼ା



ପୁରୁଣା ବସ୍‌ଷ୍ଟାଣ୍ଡ



ତଳିପଡ଼ା

# ବରଗଡ଼ରେ ପାର୍ବଣ କବିତା ଆସର

ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ନିକଟସ୍ଥ ମାଁ ବୈଷ୍ଣୋଦେବୀ ମନ୍ଦିର ପରିସରରେ ରାଜ୍ୟ ଲେଖିକା ସଂସଦ ଆନୁକୂଲ୍ୟରେ ପାର୍ବଣ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଲେଖିକା ପରିଷଦ ସଭାପତି ନୂରାବତୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ କମଳିନୀ ଦେବୀ, ସନ୍ତୋଷିନୀ ଦାଶ, ନୂରାବତୀ ସାହୁ, ମୀନା ପଣ୍ଡା, ସୁନିତା ମିଶ୍ର, ନିରୁପମା ଶତପଥୀ, ଅଞ୍ଜଳି ଆଚାଯର୍ୟ, ଅଳକା ଦାଶ, କବିତା କୁମୁଦ ମେହେର, ହୈମବତୀ ମିଶ୍ର, ସୁପ୍ରଭା ସାମଲ ପ୍ରମୁଖ କବୟିତ୍ରୀ ମାଁ ଦୁର୍ଗାଙ୍କ ଉପରେ ସ୍ୱରଚିତ କବିତା



କବିତା ଆସରରେ ପୁସ୍ତକ ଉନ୍ମୋଚନ କରାଯାଉଛି ।

ପାଠ କରିଥିଲେ। ସଂସଦର ସମ୍ପାଦିକା କମଳିନୀ ଦେବୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କବୟିତ୍ରୀ ଅଞ୍ଜଳି ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ସୁପ୍ରଭା ସାମଲଙ୍କ ସମ୍ପାଦନାରେ ପ୍ରକାଶିତ ତ୍ରୈମାସିକ ମହିଳା ପତ୍ରିକା ସୂର୍ଯ୍ୟସ୍ନାତାର ଦ୍ୱିତୀୟ ସଂସ୍କରଣ ଏବଂ ଅଞ୍ଜଳି ଆଚାର୍ଯ୍ୟଙ୍କ ଲିଖିତ କବିତା ଗୁଚ୍ଛ ମୁଗ୍ଧା ଉନ୍ମୋଚିତ ହୋଇଥିଲା ।

## ଲରମ୍ବାରେ ବନ୍ଧୁମିଳନ ମହ୍ଲାର

ଅତାବିରା,୨୧।୧୦(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ବା ବାଳିକା ବିଦ୍ୟାଳୟ ପରିସରରେ ଲରମ୍ବା ହାଇସ୍କୁଲ ୧୯୯୧ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ମହ୍ଲାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ପରିବାର ସହିତ ଯୋଗଦାନ କରିଥିଲେ। ପୁରାତନ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାନପତ୍ର, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଦିବଂଗତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶରତ ସରାଫ, ବିନୟ କୁମାର ନାଏକ, ରାଜେନ୍ଦ୍ର ଦାଶ, ତ୍ରିନାଥ ମହାକୁର, ଦିଲୀପ ସାହୁ, ଗଗନ ଚିରଗୁନ ପ୍ରମୁଖ ଶିକ୍ଷକ ଯୋଗଦାନ କରିଥିଲେ। ସତ୍ୟନାରାୟଣ କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରିଯାନ ଯୋଗୁ ରାସ୍ତା ବିପର୍ଯ୍ୟସ୍ତ



ପଦ୍ମପୁର-ଜଗଦଲପୁର ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ ହୋଇପଡିଛି ।

ପଦ୍ମପୁର,୨୧।୧୦(ପ୍ରଦୀପ୍ତ ଦାଶ)

ଭାରିଯାନ ଚଳାଚଳ ଯୋଗୁ ପାଟଣାଗଡ-ପଦ୍ମପୁର ଓ ପଦ୍ମପୁର-ଜଗଦଲପୁର ରାସ୍ତା (ଛତିଶଗଡ଼ ସୀମା ପର୍ଯ୍ୟନ୍ତ) ଶୋଚନୀୟ ହୋଇପଡିଛି। ଏଥିଯୋଗୁ ସ୍ଥାନେ ସ୍ଥାନେ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେ ବହୁ ଟ୍ରାନ୍ସପୋର୍ଟ କମ୍ପାନୀ ଓ ଠିକା ସଂସ୍ଥା କ୍ଷମତାଠାରୁ ଅଧିକ ଓଜନର ବାଲି, ଚିପ୍ସ, ମେଟାଲ ନେବା ଆଣିବା କରିବାରୁ ରାସ୍ତା ଅବସ୍ଥା ଖରାପ ହେବାରେ ଲାଗିଛି। ପ୍ରଶାସନ ଦୃଷ୍ଟି ଦେଇ ଭାରିଯାନ ଉପରେ ରୋକ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।

# ବିକାଶ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଭ୍ରମଣ

ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଜ୍ଞାନ ପରିବୃଦ୍ଧି ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ଚାଲିଛି। ଏହି କ୍ରମରେ ୧୧୦ଜଣ ଛାତ୍ରୀଛାତ୍ରଙ୍କ ସହିତ ୧୦ଜଣ ଶିକ୍ଷକ ସୁନ୍ଦରବନ ଏବଂ ୬୯ଜଣ ଛାତ୍ରୀଛାତ୍ରଙ୍କ ସହିତ ୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ କେରଳ ଅଭିମୁଖେ ଶିକ୍ଷା ଭ୍ରମଣ କରିଛନ୍ତି। ୩୭ ଜଣ ଛାତ୍ରୀଛାତ୍ର, ୪ଜଣ ଶିକ୍ଷକ ହାଇଦ୍ରାବାଦ ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମ ପୂର୍ଣ୍ଣ କରି




ହାଇଦ୍ରାବାଦରେ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ର, ଶିକ୍ଷକ ।

ଫେରିଛନ୍ତି। ବିକାଶ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟ୍

ଝାରବନ୍ଧ,୨୧।୧୦(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବଜାର ପ୍ରାଙ୍ଗଣରେ ବ୍ଲକସ୍ତରୀୟ କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ଏହି ଭେଟଘାଟ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମେ କୁଲତା ସମାଜର ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜା ପାଇଁ ପ୍ରଫୁଲ୍ଲ ସାହୁ ସପତ୍ନୀକ କର୍ତ୍ତା ଭାବେ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ସଭାସ୍ଥଳରେ ସ୍ଥାପନ କରିଥିଲେ ଏବଂ ପୂଜକ ଭାବେ ଅଶୋକ ପ୍ରଧାନ ଓ ଗଣେଶ ଭୋଇ ପୂଜା



ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରୁ ସମାଜର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗେନ୍ଦ୍ର ଭୋଇ, ଗଣତନ୍ତ୍ର ପ୍ରଧାନ, ଭୈରବ ସାହୁ, ହରିଚରଣ ସାହୁ, ଟାଇଲ ଚନ୍ଦ୍ର ଭୋଇ, ନିତ୍ୟାନନ୍ଦ ପ୍ରଧାନ, ଗୋବର୍ଦ୍ଧନ ଗଡତିଆ, ଭୋଳାନାଥ ପ୍ରଧାନ, ସନାତନ ଭୋଇ, ସତ୍ୟ କୁମାର ଡୁରିଆ, କୁବେର ପ୍ରଧାନ, ବିଜୟକେତନ ପ୍ରଧାନ, ଗୋପବନ୍ଧୁ ସାହୁ, ତୁଳସୀରାମ ପ୍ରଧାନ, ତୁଳାରାମ ଭୋଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶିକ୍ଷା, ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ଏବଂ ସମାଜର ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବ୍ୟଙ୍ଗ କବି ଲଳିତ ବାରିକ କବିତା ପାଠ କରିଥିଲେ। ବ୍ଲକ ସମ୍ପାଦକ ଶ୍ୟାମସୁନ୍ଦର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମାନଭଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଦେଶୀ ମଦ ଚାଲାଣ, ୨ଗିରଫ

ରାଉରକେଲା,୨୧।୧୦(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଅଞ୍ଚଳରେ ଦେଶୀମଦ ଚାଲାଣ ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସଙ୍ଗୀତା ଘୋଷ (୩୦) ଓ ବିକ୍ରମ ପାଶୱାନ(୩୧)। ସେମାନଙ୍କଠାରୁ ୧୧ ଲିଟର ଦେଶୀମଦ ଜବତ ହୋଇଛି। ଏ ନେଇ ପୋଲିସ ପୃଥକ୍ ୨ଟି ମାମଲା (ନଂ.୩୬୭/୨୩ ଓ ନଂ.୩୬୮/୨୩) ରୁଜୁ କରିଛି।

### ଓଡ଼ିଶା ସୀମାନ୍ତରୁ ୨ ଆଇଇଡି ଜବତ

ରାଉରକେଲା,୨୧।୧୦(ସଙ୍ଗୀତା ଜେନା): ଓଡ଼ିଶା-ଝାଡ଼ଖଣ୍ଡ ସୀମାବର୍ତ୍ତୀ ଟୋଣ୍ଟୋ ଥାନା ପାତାତୋରବ ନିକଟ ଜଙ୍ଗଲରୁ ଶନିବାର ୨ଟି ଜୀବନ୍ତ ଆଇଇଡ଼ି ସୁରକ୍ଷାବଳ ଜବତ କରିଛି। ଏହାକୁ ନଷ୍ଟ କରିଛି ବମ୍ ନିରୋଧ ଦଳ। ଏହା ବ୍ୟତୀତ ଜଙ୍ଗଲ ରାସ୍ତାରେ ଗର୍ତ୍ତରୁ ଲୁହା ରଡ୍, ତୀର ମଧ୍ୟ ଜବତ ହୋଇଛି। ସୂଚନାଯୋଗ୍ୟ, ମାଓବାଦୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷାବଳଙ୍କ ଦ୍ୱାରା କୋମ୍ବିଂ ଅପରେଶନ ଜାରି ରହିଛି।

### ଆଇଜିଏଚ୍‌ରେ ୩୬୦ ଡିଗ୍ରୀ କିଡ୍‌ନୀ କେୟାର ସୁବିଧା

ରାଉରକେଲା,୨୧।୧୦(ବିପ୍ଳବ ରଞ୍ଜନ ଦାଶ) ଆର୍‌ଏସ୍‌ପିର ଆଇଜିଏଚ୍‌ରେ ରେନାଲ ବାୟୋପ୍ସି ଓ ଟନେଲ ଡାୟାଲିସିସ କ୍ୟାଥେଟ୍‌ର ପ୍ରତିରୋପଣ ସହିତରେ କିଡ୍‌ନୀ ରୋଗ ଚିକିତ୍ସା କ୍ଷେତ୍ରରେ ରାଉରକେଲାରେ ଏକ ପ୍ରମୁଖ ଅଗ୍ରଗତି ସାଧିତ ହୋଇଛି। ଆରଏସପିର ଆଦର୍ଶ ଇସ୍ପାତ ଗ୍ରାମ ଦଳପୋଷର ପ୍ରଭାକର ବେହେରା(୪୪)ଙ୍କୁ ତିନି ମାସ ପୁରୁଣା ଗୋଡ଼ଫୁଲା ରୋଗ ଯୋଗୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ରାଉରକେଲା ଓ ଭୁବନେଶ୍ୱରରେ ବିଭିନ୍ନ ଡାକ୍ତରୀ ସେବା ସହାୟତା ନେବା ପରେ ଆଇଜିଏଚ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ନେଫ୍ରୋଲୋଜି ବିଭାଗ ଡାକ୍ତର ସରୋଜ ରାଉତ କିଡ୍‌ନୀ ବାୟୋପ୍ସି କରିଥିଲେ ଏବଂ ଚିକିତ୍ସା ପରେ ରୋଗୀ ସୁସ୍ଥ ହୋଇଛନ୍ତି। ସେହିପରି ମଧୁମେହ ଏବଂ ପ୍ରଦାହ ଜନିତ ଅନ୍ତ୍ର ରୋଗରେ ଆକ୍ରାନ୍ତ ଆରଏସପିର ଅନ୍ୟ ଜଣେ ରୋଗୀ ପ୍ରସନ୍ନ କୁମାର ନାୟକଙ୍କୁ ଡାକ୍ତର ସରୋଜ ରାଉତ ମଧ୍ୟ କିଡ୍‌ନୀ ବାୟୋପ୍ସି ଚିକିତ୍ସା ଦ୍ୱାରା ଆରୋଗ୍ୟ କରିଥିଲେ। ଏହାସହ ୨ଜଣ ଡାଏଲିସିସ୍ ରୋଗୀ ନଟବର ବିଶ୍ୱାଳ ଓ ବି. ସି. ନାୟକଙ୍କ ଠାରେ ହେମୋଡାଇଲିସିସ କ୍ୟାଥେଟ୍‌ର ପାଇଁ ଏ. ଭି. ଫିଷ୍ଟୁଲର ବିକଳ୍ପ ଟନେଲ ପ୍ରୟୋଗ କରାଯାଇଥିଲା। ଆଇଜିଏଚ୍‌ରେ ନେଫ୍ରୋଲୋଜି ଡା. ରାଉତଙ୍କ ଦ୍ୱାରା ଉଭୟ ରୋଗୀଙ୍କ ମଧ୍ୟରେ ଟନେଲ କ୍ୟାଥେଟର ଲଗାଯାଇଥିଲା। ଆଇଜିଏଚ୍‌ରେ ମଧ୍ୟ ଅନ୍ୟ ଜଣେ ରୋଗୀ ରଜତ ଭୋଇଙ୍କ ଶରୀରରେ ହୋମ୍ ଡାଏଲିସିସ୍ ମେଶିନ ସ୍ଥାପିତ ହୋଇଥିଲା। ଆଇଜିଏଚରେ ୧୯୮୪ରେ ଆଇଜିଏଚ୍‌ର ଡାୟଲିସିସ ଆରମ୍ଭ ହୋଇଥିଲା। ଏହା ପଶ୍ଚିମ ଓଡିଶା, ଝାଡଖଣ୍ଡ ଓ ଛତିଶଗଡ ରାଜ୍ୟର ଆବଶ୍ୟକତାକୁ ପୂରଣ କରୁଛି। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା ଏବଂ ଆଇଜିଏଚ୍‌ର ଅନ୍ୟ ବରିଷ୍ଠ ଡାକ୍ତରଙ୍କ ସହଯୋଗରେ ରାଉତ ଆଇଜିଏଚରେ ୩୬୦ଡିଗ୍ରୀ କିଡ୍‌ନୀ କେୟାର ପାଇଁ ଅତ୍ୟାଧୁନିକ ନୂତନ ଚିକିତ୍ସା ସୁବିଧା ଉପଲବ୍ଧ କରାଇଛନ୍ତି। ଡାକ୍ତର ସରୋଜ ରାଉତ ଆର୍‌ଏସ୍‌ପିର ପୂର୍ବତନ କର୍ମଚାରୀ ନରୋତ୍ତମ ରାଉତଙ୍କ ପୁତ୍ର।



ଗଜପତି ମାର୍କେଟ



ସେକ୍ଟର-୪ ପୂଜା ମଣ୍ଡପ

# ଇସ୍ପାତ ସହରରେ ଦୁର୍ଗାପୂଜା ଆଜି ମହାଷ୍ଟମୀ

ରାଉରକେଲା,୨୧।୧୦(ସଙ୍ଗୀତା ଜେନା

ଶାରଦୀୟ ଦୁର୍ଗାପୂଜା ପାଇଁ ଇସ୍ପାତ ନଗରୀ ରାଉରକେଲା ଚଳଚଞ୍ଚଳ ହୋଇପଡିଛି। ସହରରେ ଷ୍ଟିଲ୍ ଟାଉନଶିପ୍, ସିଭିଲ ଟାଉନଶିପ୍ ଓ ଫର୍ଟିଲାଇଜର ଟାଉନଶିପ୍ ଆଦି ସମୁଦାୟ ୧୦୮ଟି ସ୍ଥାନରେ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ପୂଜା ଆୟୋଜନ ହୋଇଛି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ରଙ୍ଗବେରଙ୍ଗ ଆଲୋକମାଳାରେ ସହରକୁ ସଜ୍ଜିତ କରାଯାଇଛି। ବିଭିନ୍ନ ରାଜ୍ୟର ପ୍ରସିଦ୍ଧି ଲାଭ କରିଥିବା ରାଜ ଉଆସ, ମନ୍ଦିର ଓ ବୈଜ୍ଞାନିକ ଉପକରଣକୁ ତୋରଣ ଭାବେ ତିଆରି କରାଯାଇଛି। ଶୁକ୍ରବାର ରାତିରେ ମଣ୍ଡପଗୁଡିକରେ ମା'ଙ୍କ ବିଲ୍ୱବରଣ ସହ ଶନିବାର ସକାଳେ ୭ମୀ ପୂଜା ହୋଇଛି। ଏହି ଅବସରରେ କଳସ ଯାତ୍ରା ହୋଇଥିଲା। ପୂଜା ଦେଖିବା ପାଇଁ ବିଭିନ୍ନ ମଣ୍ଡପରେ ପ୍ରବଳ ଗହଳି ହୋଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ୨୪ ପ୍ଲାଟୁନ ଫୋର୍ସ, ୧ୟୁନିଟ୍ ଡିଭିଏଫ୍, ୪ଶହ ହୋମଗାର୍ଡ ମୁତୟନ ହୋଇଛନ୍ତି। ମୁଖ୍ୟ ଜନଗହଳିପୂର୍ଣ୍ଣ ମଣ୍ଡପଗୁଡିକରେ ପୋଲିସ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯାଇଛି। ଏହାକୁ ତଦାରଖ କରିବା ପାଇଁ ୧୧ ଜଣ ଡିଏସ୍‌ପି, ୩ଜଣ ଅତିରିକ୍ତ ଏସପି, ୯୨ ଜଣ ଥାନାଧିକାରୀ ଓ ସବ୍‌ଇନସ୍ପେକ୍ଟର ରହିବେ ବୋଲି ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି। ଏହାବ୍ୟତୀତ ମଣ୍ଡପରେ ଭକ୍ତଙ୍କ ସୁରକ୍ଷା ପାଇଁ ସିସିଟିଭି ଓ ସ୍ୱଚ୍ଛ ପରିମଳ ବଜାୟ ରଖିବାକୁ ପୂର୍ବରୁ ପୂଜା କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ଲାଗି କୁହାଯାଇଛି ବୋଲି ଏସ୍‌ପି ମହାପାତ୍ର ସୂଚନା ଦେଇଛନ୍ତି।



ଟ୍ରାଫିକ ଗେଟ୍ ମାର୍କେଟ

## ଗପସପ ଖଟି ନିର୍ମାଣ କାର୍ଯ୍ୟ ବନ୍ଦ, ଯାତ୍ରୀ ମହଲରେ ଅସନ୍ତୋଷ

ରାଉରକେଲା,୨୧।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବାସନ୍ତୀ ଛକରେ ଯାତ୍ରୀମାନଙ୍କ ବସିବା ଓ ଗପସପ କରିବା ପାଇଁ ଆର୍‌ଏମ୍‌ସି ପକ୍ଷରୁ ଏକ ସ୍ମାର୍ଟ ଗପସପ ଖଟି ଦୀର୍ଘମାସ ହେଲା ନିର୍ମାଣଧୀନ ଅବସ୍ଥାରେ ପଡି ରହିଛି। ନିର୍ମାଣ କାମ ଆଗକୁ ବଢୁନାହିଁ। ଅନ୍ୟପଟେ ଯାତ୍ରୀମାନଙ୍କ ବସିବା ପାଇଁ ସିମେଣ୍ଟ ଚୌକି ସ୍ଥାପିତ ହେବା ସହିତ ଗପସପ ଖଟିକୁ ଆକର୍ଷଣୀୟ କରିବା ଲାଗି ସବୁଜ ଘାସ ବୋର୍ଡ, କାନ୍ଥରେ ସ୍ୱଚ୍ଛ ଭାରତ ସଚେତନତା ବାର୍ତ୍ତା ସହ ଆରଏମସି ସୂଚନା ଫଳକ ଲଗାସରିଛି। ମାତ୍ର ନିର୍ମାଣ କାମ ଆଗଉ ନ ଥିବାରୁ ନିର୍ମାଣାଧୀନ ଏହା ଚାରିପଟେ ବାଉଁଶ ବାଡ ଲଗାଇ ଦିଆଯାଇଛି। ବାସନ୍ତୀ ଛକରେ ଦୈନିକ ସେକ୍ଟର ତଥା ସିଭିଲ ଟାଉନଶିପ୍ ଅଞ୍ଚଳର ଯୁବତୀଯୁବକ, ଛାତ୍ରୀଛାତ୍ର ଏବଂ ବୃଦ୍ଧାବୃଦ୍ଧମାନଙ୍କ ପ୍ରବଳ ଭିଡ ଜମୁଥିବା ବେଳେ ସେମାନଙ୍କ ବସିବା ଓ ଗପସପ କରିବା ପାଇଁ ନିର୍ମାଣ ହେଉଥିବା ଖଟି ନିର୍ମାଣରେ ଅହେତୁକ ବିଳମ୍ବ ସମସ୍ୟା ସୃଷ୍ଟି କରୁଛି। ତୁରନ୍ତ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଯାତ୍ରୀ ମହଲରେ ଦାବି ହେଉଛି। ଏ ନେଇ ରାଉରକେଲା ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି କହିଛନ୍ତି।



ନିର୍ମାଣାଧୀନ ଅବସ୍ଥାରେ ଗପସପ ଖଟି ।

## ଆର୍‌ଏସ୍‌ପି ନୂତନ ପ୍ଲେଟ ମିଲ୍‌ର ବିପୁଳ ସଞ୍ଚୟ

ରାଉରକେଲା,୨୧।୧୦(ବିପ୍ଳବ ରଞ୍ଜନ ଦାଶ)

ଆରଏସପି ନୂତନ ପ୍ଲେଟ ମିଲ୍ ତେଜସ ଗୁଣବତ୍ତା ମଣ୍ଡଳୀ ଦଳ ଉଦ୍ୟୋଗୀ ପ୍ରୟାସ କାରଖାନାକୁ ବିପୁଳ ସଞ୍ଚୟ ଆଣିଦେଇଛି। ବିଭାଗର ଓସିଟି ଗୋପବନ୍ଧୁ ବେହେରା, ଏସ୍‌ଓଏସ୍‌ଟି ଶୀର୍ଷାନନ୍ଦ ଦାସ ଏବଂ ଓସିଟି ଦୀପକ ସାହୁ, ସୁଶ୍ରୀ ସୁପ୍ରିୟା ଭୋଇ ଓ ସତୀଶ କୁମାର ବାଡାତ୍ୟାଙ୍କୁ ନେଇ ଗଠିତ ଦଳ ଫର୍ନେସ ଉତ୍ତାପ କ୍ଷମତାରେ ବୃଦ୍ଧିସହିତ ଗ୍ୟାସ କ୍ଲିନିଂ ବ୍ୟବସ୍ଥାର ଆଂଶିକ ପରିବର୍ତ୍ତନ ପ୍ରକଳ୍ପକୁ କାର୍ଯ୍ୟକାରୀ କରିଥିଲେ। ନୂତନ ପ୍ଲେଟ ମିଲ ବିଭାଗ ମ୍ୟାନେଜର ଅଭିଜିତ ପଟ୍ଟନାୟକ ଦଳର ଫାସିଲିଟେଟର ଥିଲେ। ନୂତନ ପ୍ଲେଟ ମିଲ୍‌ର ରିହିଟିଂ ଫର୍ନେସ ସ୍ଲାବ ପ୍ରତ୍ୟାଖ୍ୟାନ, ସୋକିଂରେ ବିଷମତା, ଉତ୍ପାଦନ ହାର ହ୍ରାସ, ସ୍କେଲ ଗଠନ ବୃଦ୍ଧି ଏବଂ ତାପଜ କ୍ଷମତାର ହ୍ରାସ ଭଳି ସମୟ ସମୟରେ ବିବିଧ ସମସ୍ୟାର ସମ୍ମୁଖୀନ ହେଉଥିଲା। ଏହାର ସମାଧାନ ପାଇଁ ଗ୍ୟାସର ସୁଗମ ତ୍ୱରିତ ସଫଳ କରିବାକୁ ମେନିଫୋଲ୍ଡ ଡିଜାଇନ୍ସ ସଂଶୋଧନ କରାଯାଇଥିଲା। ଏହି ପ୍ରୟାସ ଦ୍ୱାରା ବାର୍ଷିକ ପ୍ରାୟ ୩.୫କୋଟି ଟଙ୍କା ସଞ୍ଚୟରେ ସହାୟକ ହୋଇଛି।

## ରାଉରକେଲା ପୋଲିସରେ ଅଦଳବଦଳ

ରାଉରକେଲା,୨୧।୧୦(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲାରେ ଆଇଆଇସି, ଏସ୍‌ଆଇ ଓ ଏଏସ୍‌ଆଇ ସ୍ତରରେ ଅଦଳବଦଳ ହୋଇଛି। ଏ ନେଇ ଶନିବାର ଏସ୍‌ପି ମିତ୍ରଭାନୁ ମହାପାତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଉଦିତନଗର ଥାନାକୁ ଏସ୍‌ଆଇ ମନୋଜ ବାରା, ଏଏସ୍‌ଆଇ ଏସ୍. ବି. ବିଶ୍ୱାଳ, ରଘୁନାଥପାଲିକୁ ଡବ୍ଲ୍ୟୁଏସ୍‌ଆଇ ମିତାଲି ମଧୁଛନ୍ଦା ସ୍ୱାଇଁ, ଏସ୍‌ଆଇ ରଞ୍ଜିତ ପ୍ରଧାନ, ଏଏସ୍‌ଆଇ ପ୍ରଦୀପ୍ତ ବାରିକ ଝିରପାଣିକୁ, ବ୍ରାହ୍ମଣୀତରଙ୍ଗ ଥାନାକୁ ମହେଶ୍ୱର ମୁଣ୍ଡା, ଛେଣ୍ଡ ଥାନାକୁ ଏଏସ୍‌ଆଇ ଆର. ଆର. ସାମଲ, ଲହୁଣୀପଡ଼ା ଥାନାକୁ ଏଏସ୍‌ଆଇ ଅମେରଶ ବାରିକ, ହରିହର ପାଲ, ବଣେଇ ଥାନାକୁ ଏଏସ୍‌ଆଇ ପର୍ଶୁରାମ ମହାନ୍ତଙ୍କ ବଦଳି ହୋଇଛି। ଉକ୍ତ ଅଧିକାରୀମାନେ ୨୭ ତାରିଖରୁ ସମ୍ପୃକ୍ତ ଥାନାରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଛି। ସେହିପରି ପୋଲିସ ମୁଖ୍ୟାଳୟରୁ ବ୍ରାହ୍ମଣୀତରଙ୍ଗ ଥାନାକୁ ଥାନାଧିକାରୀ ଭାବେ କ୍ଷିତିଶ ଚନ୍ଦ୍ର ପାତ୍ରଙ୍କ ବଦଳି ହୋଇଛି। ବ୍ରାହ୍ମଣୀତରଙ୍ଗ ଥାନା ଏସ୍‌ଆଇ ରାଧେଶ୍ୟାମ ବାଗଙ୍କ ବଦଳି ଟିକାୟତପାଲୀ ସୋଲ ବିଟ୍ ହାଉସକୁ କରାଯାଇଛି। ପୋଲିସ ମୁଖ୍ୟାଳୟରୁ ନିରଞ୍ଜନ ସେଠୀଙ୍କ ବଦଳି ସାଇବର ଓ ଆର୍ଥିକ ଅପରାଧ ଶାଖା ଥାନାଧିକାରୀ ଭାବେ କରାଯାଇଛି। ସେଠୀଙ୍କୁ ୨୫ ତାରିଖରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଛି।

## ଦୁର୍ଗାପୂଜା ପେଣ୍ଡାଲ ଉଦ୍‌ଘାଟିତ



ବନ୍ଧମୁଣ୍ଡା,୨୧।୧୦(ସୁବ୍ରତ ଡେ)

ବନ୍ଧମୁଣ୍ଡା ସହରର ପ୍ରମୁଖ ଦୁର୍ଗା ପୂଜା ପେଣ୍ଡାଲ ଉଦ୍‌ଘାଟିତ ହୋଇଯାଇଛି। ଏହା ସହିତ ଭକ୍ତଙ୍କ ପାଇଁ ମାତାଙ୍କ ଦରବାର ମଧ୍ୟ ଖୋଲାଯାଇଛି। ପ୍ରଥମ ଦିନରେ ମାତାଙ୍କ ଦର୍ଶନ ପାଇବା ପାଇଁ ଭକ୍ତଙ୍କ ଭିଡ ଦେଖା ଦେଇଥିଲା। ବନ୍ଧମୁଣ୍ଡାର ଡିଜେଲ କଲୋନୀ, ବି-ସେକ୍ଟର, ସି-ସେକ୍ଟର, ଡି-ସେକ୍ଟର, ଡି କ୍ୟାବିନ, କୋଇଲା ଗେଟ, ତିଲକାନଗର ଆଦି ସ୍ଥାନରେ ମା'ଙ୍କ ପୂଜା ଅର୍ଚ୍ଚନା କରାଯାଉଛି। ସି-ସେକ୍ଟର ଦୁର୍ଗା ପୂଜା ପେଣ୍ଡାଲରେ ବିଜେଡିର ଗଗନ ପଣ୍ଡା ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି ଫିତା କାଟି ପୋଣ୍ଡାଲ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂଜା କମିଟିର ସମସ୍ତ ସଦସ୍ୟ ତାଙ୍କ ସହ ଉପସ୍ଥିତ ଥିଲେ। ପୂଜା କମିଟି ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଯେଉଁଠାରେ କଳାକାରମାନେ ସଙ୍ଗୀତ ଏବଂ ଅଞ୍ଚଳର ଯୁବକ ଯୁବତୀମାନେ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ଦୁର୍ଗା ପୂଜାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ଦ୍ୱାରା ଆଇନ ଶୃଙ୍ଖଳା ପରିସ୍ଥିତିକୁ ଅଧିକ ମଜବୁତ କରାଯାଇଛି। ବନ୍ଧମୁଣ୍ଡା ପୋଲିସ କ୍ରମାଗତ ଭାବେ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ଦେଖିବାକୁ ମିଳୁଛି।

## ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବେ ଦିଲୀପ

ରାଉରକେଲା,୨୧।୧୦(ଦିନେଶ ମିଶ୍ର)

**ଦେଓ ନଦୀ ବ୍ରିଜ ନିର୍ମାଣ ପ୍ରସଙ୍ଗ**

ଆଜିକୁ ୨୦ଦିନ ଧରି ଦେଓ ନଦୀ ଅଧନିର୍ମିତ ବ୍ରିଜ୍ ଉପରେ ଧାରଣା ଦେଇଥିବା ମୁକ୍ତିକାନ୍ତଙ୍କ ନିକଟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ଶନିବାର ପହଞ୍ଚି ବ୍ରିଜ ନିର୍ମାଣ ସମସ୍ୟା ବିଷୟରେ ଅବଗତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାଉରକେଲାସ୍ଥିତ ମିଟକୁନ୍ଦରୁଠାରୁ ସିମ୍‌ରତା ରାସ୍ତାରେ ଦେଓ ନଦୀ ଉପରେ ଏକ ସେତୁ ନିର୍ମାଣ କାମ ଆରମ୍ଭ ହୋଇଛି। ଏହି ବ୍ରିଜ ନିର୍ମାଣ ହେଲେ ଝାରବେଡା, ଲହଣ୍ଡା, ବଦଲୀବାହାଲ, ରଘୁଁ, କାରିଛପଲ, କଚାରୁ ଆଦି ଗ୍ରାମର ପ୍ରାୟ ୨୦ ହଜାର ଲୋକ ଉପକୃତ ହେବେ। ମାତ୍ର ୫ ବର୍ଷ ଉପରେ ବିତିଯାଇଥିଲେ ସୁଦ୍ଧା ଉକ୍ତ ବ୍ରିଜ କାମ ଅଧାପନ୍ତରିଆ ହୋଇ ପଡିରହିଛି। ଏହି ଅର୍ଦ୍ଧନିର୍ମିତ ସେତୁ ପାରିହେବା ପାଇଁ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଶ୍ରମିକ ଓ ପରିବା ବ୍ୟବସାୟୀଙ୍କୁ ୩୦ ଫୁଟ ତଳୁ ଏକ ଶିଡ଼ିରେ ଚଢ଼ି ମୁଖ୍ୟ ରାସ୍ତାକୁ ଆସିବାକୁ ପଡୁଛି। ଏପରି ସ୍ଥଳେ କାହାର କେତେବେଳେ ଜୀବନ ଯିବ ତାହା କହି ହେବନାହିଁ। ରାଜ୍ୟ ସରକାର ବ୍ରିଜ କାର୍ଯ୍ୟ ବର୍ଷେ ଧରି ବନ୍ଦ କରିଥିବାରୁ ମୁକ୍ତିକାନ୍ତ ଗତ ୨ ତାରିଖରୁ ଏହି ଅର୍ଦ୍ଧନିର୍ମିତ ବ୍ରିଜ ଉପରେ ଧାରଣାରେ ବସିଛନ୍ତି। ଏହାସତ୍ତ୍ୱେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଇନାହିଁ। ଶନିବାର ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟ ଧାରଣାସ୍ଥଳକୁ ଯାଇ ମୁକ୍ତିକାନ୍ତଙ୍କୁ ଭେଟିବା ସହ ଜମିମାଲିକଙ୍କ ସହ ଆଲୋଚନା କରିଥିଲେ। ଦେଓ ନଦୀ ବ୍ରିଜ୍ ନିର୍ମାଣ କାର୍ଯ୍ୟ କିପରି ଶୀଘ୍ର ହେବ ସେ ନେଇ ଦିଲୀପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅବଗତ କରିବେ। ଦରକାର ହେଲେ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ପ୍ରସ୍ତୁତି ସମୀକ୍ଷା

ରାଉରକେଲା,୨୧।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଭଞ୍ଜଭବନ ମୁକ୍ତାକାଶ ମଞ୍ଚରେ ଆସନ୍ତା ନଭେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି ଓଡିଶାର ଅନ୍ୟତମ ସାଂସ୍କୃତିକ ପର୍ବ ୨୬ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଶନିବାର ଏହାର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଭଞ୍ଜ କଳାକେନ୍ଦ୍ରର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ଓ ଅନ୍ୟ କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ବିଧାୟକ ତରାଇ ଜାତୀୟ ସ୍ତରୀୟ ଶାସ୍ତ୍ରୀୟ ନୃତ୍ୟ, ଶାସ୍ତ୍ରୀୟ ସଙ୍ଗୀତ, ଲୋକ ନୃତ୍ୟ ଓ ଲୋକ ସଙ୍ଗୀତ ଉତ୍ସବର ମାନ୍ୟତା ବହନ କରୁଥିବା ବେଦବ୍ୟାସ ନୃତ୍ୟୋତ୍ସବର ସଫଳ ଆୟୋଜନ ପାଇଁ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ଉତ୍ସବ ଆୟୋଜନରେ ରାଜ୍ୟ ସରକାରଙ୍କ ସମସ୍ତ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଚଳିତବର୍ଷ ଜାତୀୟ ସମ୍ମାନ ପଦ୍ମଶ୍ରୀରେ ବିଭୂଷିତ ୪ଜଣ ଲବ୍ଧପ୍ରତିଷ୍ଠ ଶିଳ୍ପୀ ମୁଖ୍ୟ ଆକର୍ଷଣ ସାଜିବେ। ଏଥିସହିତ ଦେଶର ବିଭିନ୍ନ ପ୍ରାନ୍ତରୁ ଶାସ୍ତ୍ରୀୟ ଓ ଲୋକକଳା ପରିବେଷଣରେ ସ୍ୱନାମଧନ୍ୟ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ବିବେକାନନ୍ଦ ପରିଡା, ବସନ୍ତ ସାହୁ, ପଞ୍ଚାନନ ମଲ୍ଲିକ, ରସାନନ୍ଦ ମହାନ୍ତ, ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଗଜେନ୍ଦ୍ର ମୁର୍ମୁ, ଶଶାଙ୍କ ଶେଖର ପଟ୍ଟନାୟକ, କୋଏନ ଦସ୍ତିଦାର, ପ୍ରବୀଣ ରଥ, ସୁବ୍ରତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ବିଧାୟକଙ୍କ ସହିତ ଉପସ୍ଥିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

